


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ପ୍ରକାଶ ପାଇଲା....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୧୩ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 FEBRUARY 2025
Vol.No. 36 ■ No.42 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ରାମ ମନ୍ଦିର ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସଙ୍କ ପରଲୋକ



ନୂଆଦିଲ୍ଲୀ, ୧୨/୨ : ଆରପାରିରେ ରାମଲାଲାଙ୍କ ମୁଖ୍ୟ ପୂଜକ । ଅଯୋଧ୍ୟା ରାମ ମନ୍ଦିର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ପରଲୋକ ହୋଇଛି । ୮୫ ବର୍ଷ ବୟସରେ ଲକ୍ଷ୍ମୌ ଏସଜିପିଜିଆଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବ୍ରେନ ଷ୍ଟ୍ରୋକ ହେବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଆଜି ସକାଳେ ଆଚାର୍ଯ୍ୟଙ୍କ ମୃତ୍ୟୁ ଘଟିଥିବା ନେଇ ଶିଷ୍ୟ ପ୍ରଦୀପ ଦାସଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସତ୍ୟେନ୍ଦ୍ର ଦାସ ଦୀର୍ଘ ୩୪ ବର୍ଷ ଧରି ପ୍ରଭୁ ରାମଲାଲାଙ୍କ ସେବା କରିଥିଲେ । ଗତ ୩ ତାରିଖରେ ତାଙ୍କର ବ୍ରେନ ଷ୍ଟ୍ରୋକ ହୋଇଥିଲା । ତାଙ୍କୁ ଲକ୍ଷ୍ମୌ ଏସଜିପିଜିଆଇ ହସ୍ପିଟାଲର ନ୍ୟୁରୋଲୋଜି ୱାର୍ଡରେ ଭର୍ତ୍ତି କରାଯାଇଥିଲା । ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ସମସ୍ୟାରେ ପୀଡିତ ଥିବାର ମଧ୍ୟ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି । ଶିଷ୍ୟ ପ୍ରଦୀପ ଦାସ କହିଛନ୍ତି, ଲମ୍ବା ସମୟ ଧରି ରୋଗଗ୍ରସ୍ତ ରହିବା ପରେ ଲକ୍ଷ୍ମୌ ପିଜିଆରେ ଆଜି ସକାଳ ପ୍ରାୟ ୮ଟା ସମୟରେ ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ଇହଧାମ ତ୍ୟାଗ କରିଛନ୍ତି । ଆସନ୍ତାକାଲି ସରଯୁ ନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ବର୍ତ୍ତମାନ ଆଚାର୍ଯ୍ୟଙ୍କ ପାର୍ଥିବ ଶରୀର ଲକ୍ଷ୍ମୌରୁ ଅଯୋଧ୍ୟା ଅଣାଯାଉଛି । ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ବିୟୋଗରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରିଛନ୍ତି, ପରମ ରାମଭକ୍ତ, ଶ୍ରୀରାମ ଜନ୍ମଭୂମି ମନ୍ଦିର ତଥା ଅଯୋଧ୍ୟା ଧାମର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ମହାରାଜଙ୍କ ପରଲୋକ ଅତ୍ୟନ୍ତ ଦୁଃଖଦ ଏବଂ ଆଧ୍ୟାତ୍ମିକ ଜଗତ ପାଇଁ ଅପୂରଣୀୟ କ୍ଷତି । ପ୍ରଭୁ ଶ୍ରୀରାମ ଦିବଙ୍ଗତ ପୁଣ୍ୟାତ୍ମାଙ୍କୁ ନିଜ ଚରଣରେ ସ୍ଥାନ ଦିଅନ୍ତୁ । ତାଙ୍କର ଶୋକ ସନ୍ତପ୍ତ ଶିଷ୍ୟ ଓ ଅନୁଗାମୀଙ୍କୁ ଏହି ଦୁଃଖ ସହିବାକୁ ଶକ୍ତି ଦିଅନ୍ତୁ ।

# 'ପ୍ରତିରକ୍ଷା, ପରମାଣୁ ଉର୍ଜା, ମହାକାଶ ଏବଂ ଆତଙ୍କବାଦ': ମୋଦୀ ଏବଂ ମାକ୍ରୋନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ

## ଆଜି ହ୍ୱାଇଟ ହାଉସରେ ଟ୍ରମ୍ପଙ୍କ ସହ ହେବ ଭେଟଘାଟ



ନୂଆଦିଲ୍ଲୀ, ୧୨/୨ : ତିନି ଦିନିଆ ଫ୍ରାନ୍ସ ଗସ୍ତର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରୋନ ବିମାନରେ କଥାବର୍ତ୍ତା କରିଛନ୍ତି । ଭାରତୀୟ ବିଦେଶ ସଚିବ ଏହା ସ୍ପଷ୍ଟ କରି କହିଛନ୍ତି ଯେ ଭାରତ-ଫ୍ରାନ୍ସ ମଧ୍ୟରେ ସମ୍ପର୍କ ନୂଆ ଶିଖର ଛୁଇଁ ସାରିଛି । ବିଦେଶ ସଚିବ ମିସ୍ତ୍ରୀଙ୍କ ଅନୁସାରେ, ମୋଦୀ ଏବଂ ମାକ୍ରୋନ ପରସ୍ପରିକ ରଣନୀତିକ ସହଭାଗିତା, ବୈଶ୍ୱିକ ମାମଲା, ଆତଙ୍କବାଦ, ୟୁରୋପ, ପଶ୍ଚିମ ଏସିଆ ତଥା ଭାରତ-ପ୍ରଶାନ୍ତ କ୍ଷେତ୍ରରେ ଭୂରାଜନୈତିକର ଘଟଣାକ୍ରମ ଉପରେ ମତ ଆଦାନ ପ୍ରଦାନ କରିଛନ୍ତି । ଗସ୍ତ ଶେଷ ହେବା ପୂର୍ବରୁ ଏକ ମିଳିତ ବୟାନରେ ଦୁଇ ନେତା ଦ୍ୱିପାକ୍ଷିକ ସହଯୋଗ ଏବଂ ଅନ୍ତରାଷ୍ଟ୍ରୀୟ ସହଭାଗିତା ପାଇଁ ନିଜର ମିଳିତ ଦୃଷ୍ଟିକୋଣ ସେୟାର କରିଛନ୍ତି । ଦୁଇ ନେତା ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ପ୍ରଗତିକୁ ପ୍ରଶଂସା କରିଛନ୍ତି ଏବଂ ଏହାକୁ ଆଗକୁ ବଢାଇବା ପାଇଁ ନିଜ ପ୍ରତିବଦ୍ଧତାକୁ ବି ଦୋହରାଇଛନ୍ତି । ମିଳିତ ବୟାନରେ କୁହାଯାଇଛି ଯେ ଦ୍ୱିପାକ୍ଷିକ ଆଲୋଚନାରେ ଭାରତ-ପ୍ରଶାନ୍ତ ଏବଂ ରୁଷ-ୟୁକ୍ରେନ ଯୁଦ୍ଧ ସମେତ ଅନେକ ବିବାଦୀୟ ବିଷୟ ଉପରେ ଆଲୋଚନା ହୋଇଛି । ସେହିପରି ପ୍ରତିରକ୍ଷା, ପରମାଣୁ ଉର୍ଜା ଏବଂ ମହାକାଶ ପରି କ୍ଷେତ୍ରରେ ରଣନୀତିକ ସହଯୋଗ ଉପରେ ମଧ୍ୟ ଚର୍ଚ୍ଚା କରିଛନ୍ତି । ଏହାସହ ପ୍ରଯୁକ୍ତ ଏବଂ ନବସୃଜନ କ୍ଷେତ୍ରରେ ବି ସହଯୋଗ ବଢାଇବା ଉପରେ କଥା ହୋଇଛନ୍ତି । ଅନ୍ୟପଟେ, ଭାରତ ସରକାର ବି ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତ ଉପରେ ବୟାନ ଜାରି କରିଛନ୍ତି । ଏଥିରେ କୁହାଯାଇଛି, କଥାବାର୍ତ୍ତାରେ ଭାରତ-ଫ୍ରାନ୍ସ ରଣନୀତିକ ସହଯୋଗୀର ସବୁ ଦିଗ ଉପରେ ଚର୍ଚ୍ଚା କରିଛନ୍ତି । ସହଭାଗିତାର ଏହି କ୍ଷେତ୍ର ନିକଟରେ ଶେଷ ହୋଇଥିବା ଏଆଇ ସମିଟ୍ ଏବଂ ୨୦୨୬ରେ ଆଗାମୀ ଭାରତ-ଫ୍ରାନ୍ସ ନବସୃଜନ ବର୍ଷର ପୃଷ୍ଠଭୂମିରେ ଅଧିକ ମହତ୍ୱ ରଖୁଛି ।

▶▶ପୃଷ୍ଠା ୭

## କିଏ ହେବେ ରାଜ୍ୟ ବିଜେପି ସଭାପତି ?



ଭୁବନେଶ୍ୱର, ୧୨/୨(ନି.ପ୍ର) : ରାଜ୍ୟ ବିଜେପିକୁ ଏ ଯାଏଁ ମିଳିଲାନି ରାଜ୍ୟ ସଭାପତି । ସାଙ୍ଗଠନିକ ନିର୍ବାଚନ ସରିବା ସତ୍ତ୍ୱେ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ରାଜ୍ୟ ବିଜେପି ସଭାପତିଙ୍କ ନାଁ ବି ଘୁଞ୍ଚି ଘୁଞ୍ଚି ଯାଉଛି । ୩୭ ସାଙ୍ଗଠନିକ ଜିଲ୍ଲା ମଧ୍ୟରୁ ୨୩ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା ସରିଛି । ଏବେ ବି ୧୪ ଜିଲ୍ଲାର ନାଁ ଘୋଷଣା ଝୁଲିରହିଛି । ଦଳର ସମ୍ବିଧାନ ଅନୁସାରେ, ଅଧାରୁ ଅଧିକ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା ପରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହେବା କଥା । କିନ୍ତୁ ଏଯାଏ ସଭାପତିଙ୍କ ନାଁ ଘୋଷଣା ନହେବା ଭିନ୍ନ ଭିନ୍ନ ଚର୍ଚ୍ଚାକୁ ଖୋରାକ ଯୋଗାଉଛି । ରାଜ୍ୟ ବିଜେପିରେ କିଏ ସଭାପତି ହେବ ତାକୁ ନେଇ ଚର୍ଚ୍ଚା, ଆଲୋଚନା ଜାରି ରହିଛି । ରେସରେ ବର୍ତ୍ତମାନର ସଭାପତି ମନମୋହନ ସାମଲ ଆଗରେ ଅଛନ୍ତି । ତୃତୀୟ ଥର ପାଇଁ ମନମୋହନଙ୍କୁ ଏହି ଗୁରୁଦାୟିତ୍ୱ ଦେବାକୁ ବିଜେପି ଚିନ୍ତା କରୁଛି । ୨୦୨୪ରେ ମନମୋହନଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଜିତି ରାଜ୍ୟରେ ସରକାର କରିବାକୁ ସକ୍ଷମ ହୋଇପାରିଥିଲା । ସେହିଭଳି ଦଳର ଆଉଜଣେ ଦୃଢ ସଙ୍ଗଠକ ଗୋଲକ ମହାପାତ୍ରଙ୍କ ନାଁ ଚର୍ଚ୍ଚାରେ ରହିଛି । ଦୀର୍ଘଦିନ ଧରି ବିଜେପିର ସଙ୍ଗଠନ ଦାୟିତ୍ୱରେ ରହିଥିବା ଗୋଲକଙ୍କୁ କେନ୍ଦ୍ରୀୟ ନେତୃତ୍ୱ ଏହି ଗୁରୁଦାୟିତ୍ୱ ଦେଇପାରନ୍ତି । ଏହି ଦୁଇଜଣଙ୍କୁ ବାଦ ଦେଲେ ନୂଆ ଚେହେରା ବି ଶେଷ ମୂହୂର୍ତ୍ତରେ ସାମ୍ନାକୁ ଆସିପାରେ । ୮ ମାସ ପରେ କଂଗ୍ରେସ ରାଜ୍ୟ ମୁଖିଆ ପାଇଲା । ତେଣୁ ଏବେ ବିଜେପି କାହାକୁ ରାଜ୍ୟ ସଭାପତି କରିବ ତା ଉପରେ ସମସ୍ତଙ୍କ ନଜର ରହିଛି ।

## ପଦ୍ମଶ୍ରୀ ପୁରସ୍କାର ବିବାଦ: ୨୪ ତାରିଖରେ ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର, ୧୨/୨(ନି.ପ୍ର) : ଏବେ ଖବର ପଦ୍ମଶ୍ରୀ ପୁରସ୍କାର ବିବାଦକୁ ନେଇ। ୨୦୨୩ରେ ସେ ପାଇବାକୁ ଥିବା ପୁରସ୍କାରକୁ ସମାନ ନାଁଧାରୀ ଅନ୍ୟ ଜଣେ ପାଇଥିବା ନେଇ ଭୁବନେଶ୍ୱରର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଅଭିଯୋଗକୁ ନେଇ ଚର୍ଚ୍ଚା। ମାମଲାରେ ତଥ୍ୟ ପ୍ରମାଣ ସହ ଉଭୟ ପକ୍ଷଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଜି ପ୍ରତିକ୍ରିୟା ରଖିଛନ୍ତି ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର। କହିଛନ୍ତି ନ୍ୟାୟିକ ପ୍ରକ୍ରିୟାରେ ବିଶ୍ୱାସ ଅଛି, ମାମଲା ବିଚାରାଧୀନ ଥିବାରୁ ଏନେଇ ଏବେ

▶▶ପୃଷ୍ଠା ୭

## ଡିଗ୍ରୀ କଲେଜ ଗୁଡ଼ିକୁ ପ୍ରତ୍ୟକ୍ଷ ଅନୁଦାନ ଦାବିରେ ଆନ୍ଦୋଳନ

ଭୁବନେଶ୍ୱର, ୧୨/୨(ନି.ପ୍ର) : ଡିଗ୍ରୀ କଲେଜ ଗୁଡ଼ିକୁ ପ୍ରତ୍ୟକ୍ଷ ଅନୁଦାନ ଦାବିରେ ଧାରଣାକୁ ଓହ୍ଲାଇଛି ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ। ୧୯୯୪ ଶିକ୍ଷା ଅନୁଦାନ ଆଦେଶନାମା ଅନୁଯାୟୀ ଗୋଟିଏ ଜୁନିୟର କଲେଜ ଏବଂ ଗୋଟିଏ ଡିଗ୍ରୀ କଲେଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବାର ବ୍ୟବସ୍ଥା ରହିଛି । ତେବେ ୧୯୯୪ ଶିକ୍ଷା ଅନୁଦାନ ଆଦେଶନାମାକୁ ୨୦୦୪ ମସିହାରେ ପ୍ରତ୍ୟାହାର କରାଗଲା।




ଡିଗ୍ରୀ କଲେଜ ଗୁଡ଼ିକୁ ପ୍ରତ୍ୟକ୍ଷ ଅନୁଦାନ ଦାବିରେ ଧାରଣାକୁ ଓହ୍ଲାଇଛି ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ। ୧୯୯୪ ଶିକ୍ଷା ଅନୁଦାନ ଆଦେଶନାମା ଅନୁଯାୟୀ ଗୋଟିଏ ଜୁନିୟର କଲେଜ ଏବଂ ଗୋଟିଏ ଡିଗ୍ରୀ କଲେଜକୁ

▶▶ପୃଷ୍ଠା ୭

## ପରୀକ୍ଷା ହବକୁ ପଠାଗଲା ପରୀକ୍ଷା ପ୍ରଶ୍ନପତ୍ର

ଭୁବନେଶ୍ୱର, ୧୨/୨ (ନି.ପ୍ର): ପରୀକ୍ଷା ହବକୁ ପଠାଗଲା ପରୀକ୍ଷା ଯୁକ୍ତ ୨ ପରୀକ୍ଷା ପ୍ରଶ୍ନପତ୍ର। ଚଳିତ ଥର ୨୦୫ ପରୀକ୍ଷା ହବ୍ ହୋଇଛି। ଆସନ୍ତା ୧୮ରୁ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ୧୦ଟି ରୁଟ ଦେଇ ଯିବ ପରୀକ୍ଷା ପ୍ରଶ୍ନପତ୍ର। କଡାକଡି ସୁରକ୍ଷା ବ୍ୟବସ୍ଥା ଭିତରେ ପରୀକ୍ଷା ହବକୁ ପଠାଯାଇଛି ପ୍ରଶ୍ନ ପତ୍ର। ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ ଦେବେ ପରୀକ୍ଷା। ଆଜି ଦକ୍ଷିଣ ଓଡିଶା ଓ ପଶ୍ଚିମ ଓଡିଶା ଅଧୀନରେ ଆସୁଥିବା ପରୀକ୍ଷା ହବ୍ ଗୁଡିକୁ ପରୀକ୍ଷା ପ୍ରଶ୍ନ ପତ୍ର ପଠାଯାଇଛି ।

## ସନ୍ଦେହ ଘେରରେ ନବଙ୍କ ପରିବାର: କାହିଁକି ଚାହୁଁନାହାନ୍ତି ନିରପେକ୍ଷ ତଦନ୍ତ ?

ଭୁବନେଶ୍ୱର, ୧୨/୨(ନି.ପ୍ର) : ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟାର ୨ବର୍ଷ ପୁରିଲାଣି । କିନ୍ତୁ ହତ୍ୟା ପଛର ଷଡ଼ଯନ୍ତ୍ର ଏପର୍ଯ୍ୟନ୍ତ ପର୍ଦ୍ଦାଫାସ ହୋଇପାରୁନି ? ଅଭିଯୁକ୍ତ ଗୋପାଳ କୃଷ୍ଣ ଦାସ କାହିଁକି ତାଙ୍କୁ ହତ୍ୟା କଲା ସେ ରହସ୍ୟ ମଧ୍ୟ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଂଚ ଭେଦ କରିପାରିନି ? ଗୋପାଳର ବ୍ୟକ୍ତିଗତ ଶତ୍ରୁତା ନବଙ୍କ ସହ ଥିଲା ନା କେହି ଷଡ଼ଯନ୍ତ୍ର



କରି ଗୋପାଳଙ୍କୁ ମୋହରା କରିଛନ୍ତି ? କାହିଁକି ନବଙ୍କ ପରିବାର ନିରପେକ୍ଷ ତଦନ୍ତ ପାଇଁ ପଛଘୁଂଚା ଦେଉଛି ? ବ୍ୟବସାୟିକ ଓ ରାଜନୀତିକ ସାମ୍ରାଜ୍ୟକୁ ବଂଚାଇ ରଖିବା ପାଇଁ ନବଙ୍କ ପରିବାର ଏଭଳି କରୁଛି ନା ପରିବାର ପ୍ରତି କିଛି ଭୟ ରହିଛି ? ଏଭଳି ନାନାଦି ପ୍ରଶ୍ନ ଏବେ ନବଦାସଙ୍କ ହତ୍ୟାକାଣ୍ଡକୁ ନେଇ ଚର୍ଚ୍ଚା ହେଉଛି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯିବାର ମାର୍ଗ ଉନ୍ମୁକ୍ତ ଅଛି ବୋଲି ଆଇନ

▶▶ପୃଷ୍ଠା ୭

## ମନ୍ଦିର ଭିତରେ ମାଂସକୁ ନେଇ ହାଇଦ୍ରାବାଦରେ ଉତ୍ତେଜନା: ପୋଲିସ ତଦନ୍ତ ଉପରେ ପ୍ରଶ୍ନବାଚୀ

ନୂଆଦିଲ୍ଲୀ, ୧୨/୨ : ହାଇଦ୍ରାବାଦର ଏକ ଶିବ ମନ୍ଦିର ପରିସରରେ ମାଂସ ଟୁକୁଡା ମିଳିବାକୁ ନେଇ ଦେଖା ଦେଇଛି ଉତ୍ତେଜନା। ବୁଧବାର ମନ୍ଦିର ପରିସରରେ ଥିବା ଶିବଲିଙ୍ଗ ନିକଟରୁ ଏକ ମାଂସ ଖଣ୍ଡ ମିଳିଥିଲା। ଏହି ଘଟଣାକୁ ଦେଖି ଭକ୍ତ ମାନେ ଚକିତ ହୋଇ ପୋଲିସକୁ ଫୋନ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହ ଭିଡ ନିୟନ୍ତ୍ରଣ କରିଥିଲା। ହାଇଦ୍ରାବାଦର ଟାପ୍ପାଚବୁତରା ଅଞ୍ଚଳରେ ରହିଥିବା ଜୀରା ହନୁମାନ ମନ୍ଦିର ପରିସରରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ବୁଧବାର ମନ୍ଦିର ମଧ୍ୟକୁ ଆସିବା ବେଳକୁ ପୂଜକ ପ୍ରଥମେ ଏଭଳି ଘଟଣା ଦେଖିଥିଲେ। ସେ ମନ୍ଦିର କମିଟି ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏହି ଘଟଣା ସମ୍ପର୍କରେ ଜଣା ପଡିବା ପରେ ମନ୍ଦିର ବାହାରେ ଭିଡ ଜମିଥିଲା। ହାଇଦ୍ରାବାଦର ଡେପୁଟି କମିଶନର ଚନ୍ଦ୍ର ମୋହନ ଏହି ଘଟଣା ନେଇ ଅଭିଯୋଗ କରାଯାଇଥିବା ସ୍ପଷ୍ଟ



କରିଛନ୍ତି। ପ୍ରଥମେ ଅଭିଯୋଗ ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦ୍ୱାର ବନ୍ଦ ରହିଥିବା କାରଣରୁ କୌଣସି ପଶୁ ପକ୍ଷୀଙ୍କ ଦ୍ୱାରା ଏଭଳି ମାଂସ ଆସିଥିବା ସନ୍ଦେହ କରାଯାଉଥିବା ସେ କହିଥିଲେ। ତେବେ ସିସିଟିଭି ଫୁଟେଜର ଯାଞ୍ଚ ଜାରି ରହିଛି। ଫୁଟେଜ ଯାଞ୍ଚ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସି ପାରିବ ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ବିଜେପି ବିଧାୟକ ରାଜା ସିଂ ନିରାଶା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ହାଇଦ୍ରାବାଦରେ କୌଣସି ହିନ୍ଦୁ ମନ୍ଦିରରେ ଏଭଳି ହେବା ଏକ ସାଧାରଣ ଘଟଣା ପାଲଟି ଯାଇଛି। ପୋଲିସ ସର୍ବଦା ବିଲେଇ, କୁକୁରଙ୍କୁ ଦୋଷ ଦେଇ ଖସି ଯିବାକୁ ପ୍ରୟାସ କରିଥାଏ। ତେଣୁ ଏହି ଘଟଣାରେ ଯିଏ ବି ସମ୍ପୃକ୍ତ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ରାଜା ସିଂ। ଚଳିତ ସପ୍ତାହରେ ଆନ୍ଧ୍ରପ୍ରଦେଶର ତିରୁପତି ଲଡୁରେ ପଶୁ ଚର୍ବି ବ୍ୟବହାର ମାମଲାରେ ମଧ୍ୟ ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ମନ୍ଦିର ଭିତରକୁ ମାଂସ ଫୋପାଡିବା ମାମଲାରେ ୨୦୨୪ରେ ମଧ୍ୟପ୍ରଦେଶରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ରତଲାମ ଜିଲ୍ଲାର ଜାଓରା ଅଞ୍ଚଳରେ ଏକ ମନ୍ଦିର ସାମ୍ନାକୁ ଦୁଇ ଜଣ ଯୁବକ ଏକ ବାଇକରେ ଆସି ଗାଈର କଟାମୁଣ୍ଡ ଫିଙ୍ଗିଥିଲେ। ଏହି ମାମଲାରେ ପୋଲିସ ଦେଶଦ୍ରୋହ ମାମଲା ରୁଜୁ କରିବା ସହିତ ୪ ଜଣ ଯୁବକଙ୍କୁ ଗିରଫ କରିଥିଲା।

## ମାଗଣା ଯୋଜନା ପାଇଁ ଲୋକ କାମ କରିବାକୁ ଇଚ୍ଛା କରୁନାହାନ୍ତି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୨/୨ : ପ୍ରତି ନିର୍ବାଚନ ପୂର୍ବରୁ ଦେଶରେ ରାବଡି ପ୍ରଥା ବା ମାଗଣା ଯୋଜନାର ବର୍ଷା ହେଉଛି। ସବୁ ରାଜନୀତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାରର ମାଗଣା ସେବାର ଲୋଭ ଦେଖାଉଛନ୍ତି। ନିର୍ବାଚନ ଆସିଲେ ସବୁ ନେତା ଓ ମନ୍ତ୍ରୀ ପୁଳା ପୁଳା ମାଗଣା ପ୍ରତିଶ୍ରୁତି ଦିଅନ୍ତି। ଏହାକୁ ସାଧାରଣ ଭାଷାରେ 'ରାବଡି ପ୍ରଥା' କୁହାଯାଏ। ହେଲେ ଏହାକୁ ନେଇ ପୁଣିଥରେ ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ। ଲୋକମାନେ ମଗାଣାରେ ରାସନ ଓ ଟଙ୍କା ପାଇଯାଉଥିବାରୁ କାମ କରିବାକୁ ଇଚ୍ଛା କରୁନାହାନ୍ତି। ଏହା



ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ସୁପ୍ରିମକୋର୍ଟ ମତ ରଖିଛନ୍ତି। ସହରାଞ୍ଚଳରେ ରହୁଥିବା ବାସହୀନଙ୍କୁ ରହିବା ପାଇଁ ଘର ଯୋଗାଇ ଦେବା ପ୍ରସଙ୍ଗରେ ଶୁଣାଣି ଚାଲିଥିବା ବେଳେ ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସି ମାଗଣା ଯୋଜନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଜଷ୍ଟିସ ଗବାଇ କହିଛନ୍ତି, "ଦୁର୍ଭାଗ୍ୟବଶତଃ, ମାଗଣା ଯୋଜନା ପାଇଁ ଲୋକମାନେ କାମ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସେମାନେ ମାଗଣାରେ ରାସନ ପାଉଛନ୍ତି। କିଛି କାମ ନ କରି ଟଙ୍କା ପାଇ ଯାଉଛନ୍ତି। ଆମେ ସେମାନଙ୍କ ପ୍ରତି ଆପଣଙ୍କ ପ୍ରକାଶ କରୁଥିବା ଚିନ୍ତାକୁ ସ୍ୱାଗତ କରୁଛୁ। କିନ୍ତୁ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତର ଅଂଶବିଶେଷ କରିବା କ'ଣ ଭଲ ହେବନି ? ଦେଶର ବିକାଶରେ ସେମାନେ ମଧ୍ୟ ଯୋଗଦାନ କରିବାକୁ ଅନୁମତି ପାଇବା ଉଚିତ।" ଶୁଣାଣି ବେଳେ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ଖଣ୍ଡପୀଠଙ୍କୁ କହିଛନ୍ତି ଯେ ସହରାଞ୍ଚଳ ଗରିବ ମୁକ୍ତ ମିଶନ ପାଇଁ ସରକାର ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିରେ ବାସହୀନଙ୍କୁ ଘର ଯୋଗାଇ ଦିଆଯିବାର ପ୍ରାବଧାନ ମଧ୍ୟ ରହିବ। ଏକଥା ଶୁଣିବା ପରେ ସହରାଞ୍ଚଳ ଗରିବ ମୁକ୍ତ ମିଶନ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାରଙ୍କୁ କେତେ ସମୟ ଲାଗିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ୬ ସପ୍ତାହ ପରେ କରିବେ। ଆଜି ପ୍ରଥମଥର ପାଇଁ ଯେ ନିର୍ବାଚନ ବେଳେ ରାଜନୀତିକ ଦଳଗୁଡ଼ିକ ଦେଉଥିବା ମାଗଣା ପ୍ରତିଶ୍ରୁତିକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରି ନାହାନ୍ତି,

▶▶ପୃଷ୍ଠା ୭

# ଶିଶୁ ବିହାରର ଊନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୨/୨ (ନି.ପ୍ର): ଏକ ମଧୁର ପରିବେଶରେ ବାସୁଦେବପୁର ଶିଶୁ ବିହାରର ଊନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ମାନସ ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ବିଶିଷ୍ଟ କବି, ସାହିତ୍ୟିକ, ରାଜନେତା ଓ ସମାଜସେବୀ ଦୀନବନ୍ଧୁ ପତି ବିଶେଷ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ କଳା ସଂସ୍କୃତି ଓ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷା ବିକାଶ ସଂସ୍ଥାନର ଗୌରାଙ୍ଗ ଚନ୍ଦ୍ର ସାହୁ ଅନୁଷ୍ଠାନର ସମ୍ପାଦକ ଭାବଗ୍ରାହୀ ନାୟକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଭି ଭାଷଣ ଦେଇଥିଲେ। ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବ ସାହିତ୍ୟିକ ସଞ୍ଜୟ ପଣ୍ଡା, ଯାତ୍ରା ଜଗତର ସଫଳ ଅଭିନେତ୍ରୀ ଲତା ମଣ୍ଡଳ ଓ ନାଟ୍ୟକାର ଦୁର୍ଯ୍ୟୋଧନ ନାୟକ ଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର ମହକ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଟକ କେତେ ଦୁଃଖ ଦେବୁ ଦେ ରେ କାଳିଆ ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। କବି ବିକାଶ ଶତପଥୀ ବେଦ ପାଠ କରିଥିଲେ।ଗୁରୁଜୀ ଭରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିହାର ଗୁରୁଜୀ ରାମ ଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଧର୍ମଶାଳାରେ ବାରମ୍ବାର ବିଦ୍ୟୁତ୍ କାଟ ନେଇ ଉପଭୋକ୍ତା ଅସନ୍ତୋଷ

ଧର୍ମଶାଳା, ୧୨/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜରକା ବିଦ୍ୟୁତ ପଖଣ୍ଡ ଅଧିନରେ ବିଜୁଳି ମରାମତି ନାମରେ ବାରମ୍ବାର ବିଜୁଳି କାଟ କରାଯାଉଥିବାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଚଳିତ ବର୍ଷ ବିଦ୍ୟୁତ ମରାମତି ଆଳରେ ଜାନୁଆରୀ ମାସରେ ସକାଳ ୮ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ୮ ଦିନ ବ୍ୟାପି ଲଗାତାର ବିଦ୍ୟୁତ କାଟ କରାଗଲା । ଏବେ ପାଗ ପରିବର୍ତ୍ତନ ହୋଇ ଗରମ ଅନୁଭୂତ ହେଉଥିବା ବେଳେ ମରାମତି ଆଳରେ ବିଭାଗ ପକ୍ଷରୁ ଚଳିତ ମାସ ୮ ତାରିଖ ଓ ଆଜି ସକାଳ ୮ରୁ ଦିନ ୪ଟା ସାଢେ ଚାରିଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ କରାଯାଇଛି । ଯାହା ଫଳରେ ସାଧାରଣ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ସକାଳ ୮ ରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରିଦିଆଯିବା ଫଳରେ ଲୋକେ ପାଇପ ଯୋଗେ ପାଣି ପାଇବାରୁ ଦିନ ତମାମ ବଂଚିତ ହେଉଛନ୍ତି । ସେହିପରି ବିଦ୍ୟୁତ ରେ ନିର୍ଭର କରି ସମଗ୍ର ଅଂଚଳରେ ଚାଲୁଥିବା ମିନି କାରଖାନା ଗୁଡିକ ବନ୍ଦ ହୋଇ ରହିବା ଫଳରେ ଦିନ ମଜୁରିଆମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ତେବେ ଗରମ ଧିରେ ଧିରେ ବୃଦ୍ଧିପାଉଥିବା ବେଳେ ଚଳିତ ମାସ ୧୨ ଓ ୧୪ ତାରିଖରେ ମରାମତି ପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିବ ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଆଗୁଆ ସୂଚନା ଦିଆଯାଇଛି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବ୍ଲାଷ୍ଟ ଫର୍ଣ୍ଣେସ୍ ନମ୍ବର-୫ ରେ ଚତୁର୍ଥ ଷ୍ଟୋଭ ସ୍ଥାପନ ପାଇଁ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ୍ ଇଣ୍ଡିଆ ଲିମିଟେଡ୍ ସହିତ ଚୁକ୍ତି ସ୍ୱାକ୍ଷରିତ




ରାଉରକେଲା, ୧୨/୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର ବ୍ଲାଷ୍ଟ ଫର୍ଣ୍ଣେସ୍-୫ ରେ ଚତୁର୍ଥ ଷ୍ଟୋଭ ସ୍ଥାପନ ପାଇଁ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ୍ ଇଣ୍ଡିଆ ଲିମିଟେଡ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ପ୍ରକଳ୍ପ ବିଭାଗର ସିଜିଏମ ଶ୍ରୀ ପିନାକୀ ଚୌଧୁରୀ, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ ଶ୍ରୀ ସୁମିତ କୁମାର, ସିଇଟି ଆରଏସସିର ସିଜିଏମ ଶ୍ରୀ ସଲଭ ଶର୍ମା, ଏବଂ ଆରଏସପି, ସିଇଟି ଏବଂ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ୍ ଇଣ୍ଡିଆ ଲିମିଟେଡର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲାଦ। ଉକ୍ତ ପ୍ରକଳ୍ପ ପାଇଁ ସ୍ୱୀକୃତି ପତ୍ର ୨୦୨୪ ଜାନୁଆରୀ ୨୩ ତାରିଖରେ ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ମୋଟ ମୂଲ୍ୟ ୧୦୬.୪୮କୋଟି ଟଙ୍କା ରହିଛି । ଏହି ପ୍ରକଳ୍ପ ସ୍ୱାକ୍ଷରିତ ହେବାର ପ୍ରଭାବୀ ତାରିଖରୁ ୨୦ ମାସ ମଧ୍ୟରେ ସମାପ୍ତ ହେବାର ଆଶା କରାଯାଉଛି। ଚତୁର୍ଥ ଷ୍ଟୋଭର ସ୍ଥାପନ ବ୍ଲାଷ୍ଟ ଫର୍ଣ୍ଣେସ୍ ନମ୍ବର ୫ ର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ତଥା ସେଲର ସାମଗ୍ରିକ ଇସ୍ପାତ ଉତ୍ପାଦନ କ୍ଷମତାରେ ଆରଏସପିର ଅବଦାନକୁ ଆହୁରି ସୁଦୃଢ଼ କରିବ। ବିସ୍ତୃତ ଯୋଜନା ଅନୁଯାୟୀ ବିଦ୍ୟମାନ ଷ୍ଟୋଭଗୁଡ଼ିକର ପର୍ଯ୍ୟାୟକ୍ରମେ ଉନ୍ନତିକରଣକୁ ମଧ ଏହା ସହଜ କରିବ। ପ୍ରାଇମେଟାଲ୍ସ ଟେକ୍ନୋଲୋଜିଜ୍ ଇଣ୍ଡିଆ ଲିମିଟେଡ୍ ସହିତ ଏହି ସହଯୋଗ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ସମାଧାନ ଗ୍ରହଣ କରିବା ପାଇଁ ସେଲର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରେ।

# ଜଙ୍ଗଲ ଘେରା ରାସ୍ତା ଘାଟରେ କୁହୁଡି ପ୍ରଭାବରୁ ଜନସାଧାରଣ ଓ ଯାନ ଚାଳକ ଅସ୍ତବ୍ୟସ୍ତ

ଘଟଗାଁ, ୧୨/୨ (ନି.ପ୍ର): ବିଭିନ୍ନ ସ୍ଥାନକୁ ଯାତାୟତ ପାଇଁ ଯାଇଥିବା ଜଙ୍ଗଲ ଘେରା ରାସ୍ତା ଗୁଡିକ ପ୍ରବଳ କୁହୁଡିର ଆସ୍ତରଣ ଘେରି ରହୁଥିବାରୁ ଜନସାଧାରଣ ବିଶେଷ କରି ଯାନଚାଳକ ମାନଙ୍କୁ ଅସ୍ତବ୍ୟସ୍ତ କରୁଛି । ପ୍ରତ୍ୟେହ ସକାଳ ସମୟ ଜଙ୍ଗଲ ଘେରା ଅଂଚଳ ଦେଇ ଯାଇଥିବା ରାସ୍ତା ଯଥା - ବାଂଶପାଳ, କାଞ୍ଜିପାଣି, କୁଆଝରଣ, ଘଟଗାଁ ଜଂଘିରା, ତେଲକୋଇ ତରମାକାନ୍ତ, ନରଣପୁର ପ୍ରଭୃତି ଅଂଚଳ ସମେତ ଅଧିକାଂସ ଜଙ୍ଗଲ ଦେଇ ଯାଇଥିବା ରାସ୍ତା ଗୁଡିକ ସକାଳୁ କୁହୁଡି ଆଚ୍ଛାଦିତ ହୋଇରହୁ ଥିବାରୁ ଯାନ ଚାଳକ ମାନେ ଯାନ ଚଲାଇବାରେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।

# ବେତନଟୀ ରେଳ ଷ୍ଟେସନରେ ଟିକଟ କଳାବଜାରୀ ନେଇ ଅଭିଯୋଗ

ବେତନଟୀ , ୧୨/୨ (ନି.ପ୍ର): ବେତନଟୀ ରେଳ ଷ୍ଟେସନରେ ଅଗ୍ରୀମ ଟିକେଟ ବୁକିଂକୁ ନେଇ କଳାବଜାରୀ ହେଉଥିବା ଅନେକ ଦିନରୁ ଅଭିଯୋଗ ହୋଇ ଆସୁଥିବା ସତ୍ୱେ ଏହାର କୌଣସି ସମାଧାନ ହୋଇପାରୁନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନା ଅନୁସାରେ ବେତନଟୀ ରେଳ ଷ୍ଟେସନରେ ଯେବେଠୁଁ ଅଗ୍ରୀମ ଟିକେଟ ବୁକିଂ ଆରମ୍ଭ ହୋଇଛି ସେବେଠୁ ଟିକେଟ ବୁକିଂରେ କଳାବଜାରୀ ମଧ ଆରମ୍ଭ ହୋଇଯାଇଛି। ଯେପରିକି ଅଗ୍ରୀମ ଟିକେଟ ବୁକିଂ ନିମନ୍ତେ ରୁପ୍ସା ଓ ବାଲେଶ୍ୱରରୁ କଳାବଜାରୀ ମାନେ ଆସି ନିଜେ ଲାଇନରେ ଛିଡା ନହୋଇ ପଥର ଯୋଗେ ନିଜ ଲାଇନକୁ ରଖି ଫର୍ମକୁ ଦାଖଲ କରିବାରେ ସଫଳ ହେଉଛନ୍ତି। ଯାହାଦ୍ୱାରା ବେତନଟୀ ଆଖପାଖ ଅଞ୍ଚଳର ସାଧାରଣ ଲୋକେ ଅଗ୍ରୀମ ଟିକେଟ ପାଇବାରୁ ବଞ୍ଚିତ ହେଉଛନ୍ତି। ବାହାରୁ କଳାବଜାରୀ ମାନେ ଅଗ୍ରୀମ ଟିକେଟ ଏଠାରୁ କିଣି ବାହାରେ ଅଧିକରୁ ଅଧିକ ଦାମରେ ବିକ୍ରି କରୁଛନ୍ତି।ଏହି କଳାବଜାରୀ ରେ ବେତନଟୀର ରେଳ କର୍ମଚାରୀ ବି ସାମିଲ ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ଆଗାମୀ ଦିନରେ ରେଳ ପ୍ରଶାସନ ପକ୍ଷରୁ ଯଦି ଏ ବାବଦରେ ଦୃଷ୍ଟି ଦିଆ ନଯାଏ ତେବେ ବେତନଟୀ ରେଳ ଷ୍ଟେସନରେ ସାଧାରଣ ଲୋକଙ୍କ ପକ୍ଷରୁ ଏହାକୁ ଜୋରଦାର ବିରୋଧ କରାଯିବା ନେଇ ଚେତାବନୀ ଦିଆଯାଇଛି।

# ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା ଆରମ୍ଭ

ଢେଙ୍କାନାଳ, ୧୨/୨ (ନି.ପ୍ର): ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମାଘ ମେଳା । ବିଶ୍ୱ କଲ୍ୟାଣ ପାଇଁ ସଂନ୍ଧ୍ୟାରେ ଜଳିଛି ଝାଡ଼ଦୀପ । ସଂନ୍ଧ୍ୟା ୫ଟା ୨୦ ମିନିଟ୍ ସମୟରେ ଝାଡ଼ରେ ଅଗ୍ନି ସଂଯୋଗ କରାଯାଇଛି । ମାଘ ମେଳା ପାଇଁ ଚଳଚଂଚଳ ହୋଇଉଠିଛି ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ ବ୍ଲକରେ ରହିଥିବା ମହିମା ଗାଦି । ସଜେଇ ହୋଇଛି ଯୋରନ୍ଦା ମହିମା ପୀଠ । ତ୍ରିସଂନ୍ଧ୍ୟା ପୂଜା ପରେ ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ମହିମା ସନ୍ୟାସୀ ମାନେ ଗାଦି ମନ୍ଦିରର ଚାରି ଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କରିଛନ୍ତି । ମାଘମେଳା ଉପଲକ୍ଷେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ସାଧୁସନ୍ଥ, ହିନ୍ଦୁ ଧର୍ମାବଲମ୍ବୀ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଛି । ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମାନେ କିପରି ଶାନ୍ତିଶୃଙ୍ଖଳାର ସହିତ ମେଳା ଦେଖିପାରିବେ ସେନେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏହି ମେଳା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଏହି ଉପଲକ୍ଷେ ଆଜି ପ୍ରାତଃରୁ ସମସ୍ତ ବକ୍କଳଧାରୀ ସନ୍ୟାସୀ ମାନେ ଆସି ମନ୍ଦିରରେ ସମସ୍ତ ସେବା ନୀତି କାର୍ଯ୍ୟ ସାରିବା ସହିତ ଚନ୍ଦନ ପାଣି ସିଂଚନ କରି ରୁପା ଝାଡୁରେ ପହଁରା କରିଛନ୍ତି । ଦିନ ୧୧ଟା ଠାରୁ ୧୨ଟା ମଧ୍ୟରେ ମଧ୍ୟାହ୍ନ ନୀତି ମଧ ଶେଷ ହୋଇଛି । ଅପରାହ୍ନ ୫ଟା ଠାରୁ ପୁଣି ନୀତିକାନ୍ତି ଆରମ୍ଭ ହୋଇଛି ।

# ଅଟଳ ବିହାରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୨/୨ (ନି.ପ୍ର): ଅଟଳ ବିହାରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶୁଭ ଲକ୍ଷ୍ମୀ ରାଉତ। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଶିକ୍ଷାବିତ୍ ଦୁଃଶାସନ ରାଉତ, ବିଷ୍ଣୁ ମୋହନ ଦାସ,ବିଶିଷ୍ଟ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋଲାପ ସୁନ୍ଦର ନାୟକ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ବେହେରା ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ମହାକୁଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ବିକାଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବରେ ଶିକ୍ଷକ ଶିକ୍ଷୟତ୍ରୀ ଦୀପିକା ପୁହାଣ,ମଞ୍ଜୁଲତା ସନ୍ଧି ବିଗ୍ରହ, ମଧୁସ୍ମିତା ସେନାପତି, ଶଶଧର ମହାଳିକ, ଜ୍ୟୋତି ରେଖା ପତି, ରଶ୍ମିତା ବିଶ୍ୱାଳ, ଦମୟନ୍ତୀ ଶତପଥୀ, ଜୟଶ୍ରୀ ମହାନ୍ତି, ସୁକାନ୍ତି ପ୍ରଧାନ, ରତ୍ନମଣି ତ୍ରିପାଠୀ, ମଞ୍ଜୁଲତା ସ, ସନ୍ତୋଷ ପ୍ରଧାନ, ଏସ୍ କେ ସର୍ଫ ରୁଦିନ୍ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ସ୍ୱାଧିନତା ସଂଗ୍ରାମର ମାଟି ତଥା ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ମାଟି ବାସୁଦେବପୁରରେ ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିବା ଅଟଳ ବିହାରୀ ହାଇସ୍କୁଲର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ୮୧ ତମ ବାର୍ଷିକ ଉତ୍ସବରେ ବହୁ ସଂଖ୍ୟା ରେ ଛାତ୍ର ଛାତ୍ରୀ ଅଭିଭାବକ ଜନ ସାଧାରଣ ଯୋଗ ଦେଇଥିଲେ।

# ଦୀନକୃଷ୍ଣ ମହାବିଦ୍ୟାଳୟରେ ୬୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ଜଳେଶ୍ୱର, ୧୨/୨ (ନି.ପ୍ର): ଜ୍ଞାନ ଏକ କ୍ରୟ ବସ୍ତୁ,ପଦାର୍ଥ ବା ଦ୍ରବ୍ୟ ନୁହେଁ,ଯାହା ସହଜରେ କ୍ରୟ କରାଯାଇଥାଏ।ଏହା ହେଉଛି ସଚେତନତା,ଶିକ୍ଷା ଓ ଅଭିଜ୍ଞତା ମାଧ୍ୟମରେ ପର୍ଯ୍ୟବେକ୍ଷଣ, ଆବିଷ୍କାର କିମ୍ବା ଶିଖିବା ଦ୍ୱାରା ପ୍ରାପ୍ତ କୌଶଳ।ଜ୍ଞାନ ଉଭୟ ତତ୍ତ୍ୱଗତ ଓ ବ୍ୟାବହାରିକ ବୁଝାମଣାକୁ ସୂଚିତ କରିଥାଏ।ଜ୍ଞାନ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ, ଯାହା ନୂତନ ଶିକ୍ଷା ଓ ଅନ୍ୟମାନଙ୍କୁ ବୁଝିବା ଭଳି ସୁଯୋଗ ପ୍ରଦାନ କରେ।ବ୍ୟକ୍ତିର ବୃତ୍ତିଗତ ଜୀବନରେ ଜ୍ଞାନ ଅନେକ ସାହାଯ୍ୟ କରିପାରେ।ଜ୍ଞାନ ହେଉଛି ଏଭଳି ଉପଯୁକ୍ତ ବ୍ୟବସ୍ଥିତ ନିର୍ଦ୍ଦେଶ,ଯାହା ପ୍ରୟୋଗାତ୍ମକ ଜୀବନଶୈଳୀରେ ନିଜକୁ ପ୍ରତିଷ୍ଠିତ କରିଥାଏ।ତେଣୁ ଜ୍ଞାନ ହେଉଛି ସମସ୍ତ ଉତ୍କର୍ଷର କେନ୍ଦ୍ର ବୋଲି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଧାନସିମୁଳିଆ ଠାରେ ଥିବା ଦୀନକୃଷ୍ଣ ମହାବିଦ୍ୟାଳୟରେ ୬୧ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସୁକାନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଐତିହାସିକ ଆଇସିଏଚ୍ଆର ନିୟୁ ଦିଲ୍ଲୀର ସଦସ୍ୟ ଏବଂ ଏନ୍ ଡି ଏ ପୁନେର ପୁର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ହରିହର ପଣ୍ଡା ମୁଖ୍ୟ ଅତିଥି,ରମାଦେବୀ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସାବତ କୁମାର ଦିଗଲ ମୁଖ୍ୟ ବକ୍ତା,ତହସିଲଦାର ସତ୍ୟଜିତ ମହାନ୍ତି, ସମ୍ମାନିତ ଅତିଥି,ଉତ୍କଳ ବିଶ୍ୱବିଦ୍ୟାଳୟର ପିଏମଆଇଆର ବିଭାଗର ପ୍ରଫେସର ସୁମିତ୍ରା ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଅଧ୍ୟାପକ ଡ. ମାନସ କୁମାର ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ଡ.ହିମାଂଶୁ ଶେଖର ସାମଲ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।ଶେଷରେ ଅଧ୍ୟାପକ ଡ.ଚିତ୍ତରଞ୍ଜନ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।ଶେଷରେ ରଙ୍ଗାରଙ୍ଗ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ଧର୍ମଶାଳା, ୧୨/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୭ତମ ବାର୍ଷିକ ଉତ୍ସବ ସଭାପତି ଆଶାତରୁ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ଼କ୍ଟର ରାଜକିଶୋର ପାଢ଼ୀ ଯୋଗଦେଇ ଜୀବନରେ ଅବସର ଆସିଥାଏ । କିଛି ଭଲ କାମ ଅବସରପ୍ରାପ୍ତ ଲୋକଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ । ଜିଲା ସଂଘର ସଂଯୋଜକ ବିବେକାନନ୍ଦ ନାୟକ, ଜିଲା ସଂଘର ସଭାପତି ରବି ଶତପଥୀ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ଦାସ ଓ ରାଜ୍ୟ ସଂଘର ମହାସଚିବ ଗୋକୁଳାନନ୍ଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଦେଇଥିଲେ । ଏହି ଅବସରରେ ସଂଘର ମୁଖପତ୍ର 'ଅବସର ଜ୍ୟୋତି'କୁ ଅତିଥିମାନେ ଲୋକାର୍ପଣ କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ବିଶ୍ୱନାଥ ସାମଲ ଓ ଅଧ୍ୟାପକ ତଥା ସମାଜସେବୀ ମନୋଜ କୁମାର ଧୀର ଓ ବ୍ଲକରେ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ରୀ ପ୍ରଣତୀ ମଣ୍ଡଳ ଓ ଛାତ୍ର ବରୁଣ କୁମାର କରଙ୍କୁ ସଂଘ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସେହିପରି ସଂଘର ବର୍ଷୀୟାନ କାର୍ଯ୍ୟକର୍ତ୍ତା ରତ୍ନାକର ନାୟକ, ବଳରାମ ମହାନ୍ତି, ତ୍ରୈଲୋକ୍ୟ ନାଥ, ଇନ୍ଦ୍ରମଣି ଜେନା, କ୍ଷେତ୍ରବାସୀ ସେଠୀ, ଆତ୍ମାରାମ ସୂତାର ଶେଷଦେବ ସୂତାର, ଗଦାଧର ଦାସ, ବସନ୍ତ କୁମାର ବିଶ୍ୱାଳ , ବାବାଜୀ ରଣା, ଅନନ୍ତ ଚରଣ ପଣ୍ଡା ପ୍ରମୁଖଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ । ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଦେବତା ସ୍ୱାଗତ ଭାଷଣ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତମ ଜେନା,ବିଭୂତି ଭୂଷଣ ପାଳ,ବ୍ରଜକିଶୋର ଦାଶ, ସୁନାକର ସାହୁ, ବିଜୟ ମିଶ୍ର ,ପୀତବାସ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରାକ୍ତନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ରୂପ୍ସା ମହୋତ୍ସବ ଉଦ୍‌ଘାଟିତ




ବସ୍ତା, ୧୨/୨ (ନି.ପ୍ର): ବାଲେଶ୍ୱରଜିଲ୍ଲା ସଦର ବ୍ଲକ ରୂପସା ସ୍ଥିତ ପୋଡ଼ାଡିହା ମହୋତ୍ସବ ପଡ଼ିଆରେ ଷ୍ଟାର କ୍ଲବ ଆନୁକୂଲ୍ୟରେ ୧୪ ତମ ରୂପସା ମହୋତ୍ସବ ଉଦଘାଟନ ହୋଇଯାଇଛି । ଉଦଘାଟନୀ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା ଜଗଦୀଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ତପନ କୁମାର ବେହେରା ମହୋତ୍ସବକୁ ଉଦଘାଟନ କରି ଜଗନ୍ନାଥ ସଂସ୍କୃତି ବିଷୟରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ପରିବେଶବିତ୍ ତଥା ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ସୁମନ୍ତ କୁମାର ଜେନା ଯୋଗ ଦେଇ ରୂପସା ମାଟି ହେଉଛି କଳା ସଂସ୍କୃତିର ମାଟି, ଯାହା ସାରା ଓଡ଼ିଶାରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖୁଛି ଏବଂ ଏ ମହୋତ୍ସବ ରୂପସାର କଳା ଶିକ୍ଷା , ସାହିତ୍ୟ ଓ ସଂସ୍କୃତିର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରକାଶ କିଶୋର ନାୟକ,ଅରିପ୍ଲାଷ୍ଟର ରିଜିଓନାଲ ମ୍ୟାନେଜର ରାମକୃଷ୍ଣ ପାଢୀ ଯୋଗ ଦେଇଥିଲେ ।ଷ୍ଟାର କ୍ଲବର ସଭାପତି ରବିନ୍ଦ୍ର ପଣ୍ଡା ସମ୍ପାଦକ ଚନ୍ଦନ କୁମାର ଜେନା, କୋଷାଧ୍ୟକ୍ଷ ଦିପକ କୁମାର ସାମଲ, ଉପଦେଷ୍ଟା ପ୍ରଫୁଲ୍ଲ ସାମଲ ,ବିନୟକୁମାର ବେହେରା , ମାନସ ରଞ୍ଜନ ବେହେରା ଏବଂ ଷ୍ଟାର୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅନ୍ୟତମ ଉପଦେଷ୍ଟା ଭିକାରୀ ଚରଣ ମିସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।ମହୋତ୍ସବରେ ବିଭିନ୍ନ ପ୍ରକାରର ଷ୍ଟଲ ସାଙ୍ଗକୁ ଜଗନ୍ନାଥଙ୍କ ୩୨ବେଶ ଦର୍ଶକ ଶ୍ରଦ୍ଧାଳୁଙ୍କ ମନ ମୋହିତ କରିଥିଲା। ରୂପସା ଓ ବସ୍ତା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା । ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର କୁନି କୁନି ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସ୍ତରୀୟ କଳକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା ।

# କୋତପୁରଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଧର୍ମଶାଳା, ୧୨/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ହାଇଟେକ ମେଡିକାଲ କଲେଜ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କୋତପୁର ପଂଚାୟତରେ ଆୟୋଜିତ କରାଯାଇଛି । ଏହି ଶିବିରକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏଥିସହ ରୋଗ ପରୀକ୍ଷା କରାଯାଇଥିବା ରୋଗୀମାନଙ୍କୁ ୩ ମାସ ପାଇଁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଏଥିରେ ଶ୍ରୀକାନ୍ତ ପ୍ରଧାନ, ପ୍ରଶାନ୍ତ ନାୟକ, ତପନ ମାହନ୍ତ,ଗୌରାଙ୍ଗ ପୃଷ୍ଟି, ଅଭିଷେକ ରାଉତ, ନିଗମାନନ୍ଦ ଦାସ ଓ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଯୋଗ ଦେଇ ଥିଲେ । ଏହି ଶିବିରରେ ହାଇଟେକ ମେଡିକାଲ କଲେଜର ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଚର୍ମ, ମଧୁମେହ , ରକ୍ତଚାପ, ଶିଶୁରୋଗ, ଶଲ୍ୟବିଭାଗ ଆଦି ରୋଗୀଙ୍କ ରୋଗ ପରୀକ୍ଷା କରିଥିଲେ। ଏଥିସହ ରୋଗ ପରୀକ୍ଷା କରାଯାଇଥିବା ରୋଗୀମାନଙ୍କୁ ୩ ମାସ ପାଇଁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା ।

# ବିଶିଷ୍ଟ ସମବାୟବିତ୍ ବଟକୃଷ୍ଣ ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ

ଧର୍ମଶାଳା, ୧୨/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ବିଶିଷ୍ଟ ସମବାୟବିତ ସ୍ୱର୍ଗତ ବଟକୃଷ୍ଣ ମହାନ୍ତିଙ୍କ ୫ମ ଶ୍ରାଦ୍ଧବାର୍ଷିକ ଅବସରରେ ଆଜି ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟିକ ଡ଼କ୍ଟର ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ମାନେ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାକୁ ଉଦଘାଟନ କରିଥିଲେ । ପଣ୍ଡିତ ତଥା ପ୍ରବଚକ କାମଦେବ ଶତପଥୀ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟବକ୍ତା ଓ ଶିକ୍ଷାବିତ ବେଣୁଧର ଶରଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରିବା ସହ ଦୀପାଂଚଳ ବିକାଶର ବିନ୍ଧାଣି ଥିଲେ ସ୍ୱର୍ଗତ ବଟକୃଷ୍ଣ ମହାନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

## ଧାରାବାହିକ:

ଭାଗ-୪୧

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୨ଶ ଅଧ୍ୟାୟ

### ॥ ମୋହଗ୍ରସ୍ତ ଶିବ ॥

ଭଗବାନ ଶିବଶଙ୍କର ଶ୍ରୀହରି ବିଷ୍ଣୁ ଅପୂର୍ବ ମୋହିନୀ ରୂପ ଧାରଣ କରିଥିବା ଶୁଣି କୌତୁହଳ ବଶତଃ ତାଙ୍କୁ ସେହି ରୂପରେ ଦେଖିବାକୁ ଇଛାକରି ସ୍ତୁତି କଲେ । ହେ ଜଗଦବ୍ୟାପୀ, ଜଗଦୀଶ୍ୱର, ଜଗନ୍ମୟ, ଆପଣଙ୍କୁ ବେଦଜ୍ଞମାନେ ବ୍ରହ୍ମ, ମୀମାଂସକମାନେ ଧର୍ମ, ସାଂଖ୍ୟ ଯୋଗୀମାନେ ପରମ ପୁରୁଷ, ପଞ୍ଚରାତ୍ରମାନେ ନବଶକ୍ତି ଯୁକ୍ତ ଆଦିପୁରୁଷ, ପତଞ୍ଜଳ ବେତ୍ତାମାନେ ଆପଣଙ୍କୁ ଅବ୍ୟୟ ଆତ୍ମା ତତ୍ତ୍ୱରୂପୀ ବୋଲି କହନ୍ତି ମାତ୍ର ମୁଁ ଓ ବ୍ରହ୍ମା ସହ ସର୍ବଦେବ ଏବଂ ମୁନିଋଷିମାନେ ଆପଣଙ୍କୁ ଯଥାର୍ଥ ରୂପେ ଜାଣି ନାହୁଁ । ହେ ପ୍ରଭୁ, ସତ୍ତ୍ୱାଦି ଗୁଣ ଦ୍ୱାରା କ୍ରୀଡାକରି ଆପଣ ଯେଉଁ ଯେଉଁ ଅବତାର ଗ୍ରହଣ କରିଛନ୍ତି ସେ ସମସ୍ତ ମୁଁ ଦେଖିଛି ମାତ୍ର ଯେଉଁ ଅପୂର୍ବ ନାରୀ ରୂପ ଧାରଣ କରିଥିଲେ ତାହା ମୁଁ ଦେଖିବାର ଇଛା ପୋଷଣ କରୁଛି । ଯେଉଁ ମୋହିନୀ ମୂର୍ତ୍ତି ଦ୍ୱାରା ସମଗ୍ର ଦୈତ୍ୟ ସମାଜ ସମ୍ମୋହିତ କରି ଦେବତାମାନଙ୍କୁ ଅମୃତ ପାନ କରାଇଲେ ସେହି ରୂପକୁ ଥରେ ଦେଖିବାକୁ କୌତୁହଳ ଜାତ ହୋଇଛି । ଭଗବାନ କହିଲେ ଦେବ କାର୍ଯ୍ୟ ସାଧନ ନିମିତ୍ତ କିଛି ସମୟ ସେହି ରୂପ ଧାରଣ କରିଥିଲି ଯଦି ତୁମର ସେହି ରୂପ ଦେଖିବାର ଇଛା ମୁଁ ସେହି କାମୋଦ୍ଦୀପକ ରୂପ ଦେଖାଇବି । ତୁମେ ପରମ ଯୋଗୀ ଏବଂ ଜିତେନ୍ଦ୍ରିୟ ହୋଇଥିବାରୁ ମୁଁ ଆଶା କରୁଛି ତୁମେ ସେହି ରୂପ ଦେଖି ନିଜକୁ ସମ୍ଭାଳି ପାରିବ । ଏହା କହି ବିଷ୍ଣୁ ଅନ୍ତର୍ଦ୍ଧାନ ହୋଇଯିବାର କିଛି ସମୟ ଅପେକ୍ଷା କରି ସଦାଶିବ କୈଳାସକୁ ମାତା ପାର୍ବତୀଙ୍କ ସହ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଅଦୂରରେ ଦେଖିଲେ ଏକ ଉପବନରେ ଏକ ପରମା ସୁନ୍ଦରୀ ଜଗନ୍ମୋହିନୀ ନାରୀ କନ୍ଦୁକ ଧରି କ୍ରୀଡା କରୁଛି । କ୍ରୀଡା ଯୋଗୁଁ ତାର ଉଚ୍ଚ କୁଚଯୁଗଳ ଘନଘନ କମ୍ପିତ ହୋଇ ଅତ୍ୟନ୍ତ ସୁନ୍ଦର ଦୃଶ୍ୟ ସୃଷ୍ଟି କରୁଛି । ସେହି ନାରୀର ସୁବର୍ଣ୍ଣ ହେମ ମେଖଳା ବେଷ୍ଟିତ ସୁସଞ୍ଚ କଟୀଦେଶ ଡମ୍ବରୁ ସଦୃଶ କ୍ଷୀଣ, କନ୍ଦୁକ କ୍ରୀଡା ହେତୁ ତାହା ସୁନ୍ଦରଭାବେ ସଞ୍ଚାଳିତ ହେଉଛି । ମସ୍ତକରେ ରତ୍ନ ସୀମନ୍ତମଣି, କର୍ଣ୍ଣରେ ଦେଦୀପ୍ୟମାନ କୁଣ୍ଡଳ, ଘଞ୍ଚ ଭ୍ରୂଲତା, ନୀଳ ଚୂର୍ଣ୍ଣକୁନ୍ତଳ ଗଣ୍ଡଦେଶରେ ପଡି ମୁଖପଦ୍ମର ଶୋଭାକୁ ବଢାଉଛି । ଦରହସିତ ବଦନରେ ସେ ଖସି ପଡୁଥିବା ବସନ ଓ ଫିଟି ଯାଉଥିବା କବରୀକୁ ମନୋହର ବାମହସ୍ତ ଦ୍ୱାରା ସଂଯତ କରୁକରୁ ଦକ୍ଷିଣ ହସ୍ତରେ କନ୍ଦୁକ ଚାଳନ ଦ୍ୱାରା ଜଗତକୁ ମୋହିତ କରୁଛି । ତାହାର ଶ୍ଲଥ ଅଙ୍ଗବାସ ବାୟୁଦ୍ୱାରା ଅଳ୍ପ ଅଳ୍ପ ଉଡିଯାଇ ଶାଣଶୀର୍ଣ୍ଣ ପ୍ରାୟ ଅଙ୍ଗ ଯୌବନକୁ ଦର୍ଶକ ସମ୍ମୁଖରେ ଅତି ଲୋଭନୀୟ ଭାବେ ପ୍ରକାଶିତ କରୁଛି । ମହାଦେବ ସେହି ରମଣୀକୁ ଦର୍ଶନ କରି ଏଭଳି ମୁଗ୍ଧ ହେଲେ ଯେ ପାର୍ଶ୍ୱସ୍ଥିତା ପାର୍ବତୀ ଏବଂ ଶିବଗଣଙ୍କୁ ବିସ୍ମୃତ ହୋଇ ସେହି ନାରୀ ଉପରୁ ଦୃଷ୍ଟି ଫେରାଇ ପାରିଲେ ନାହିଁ । ଏହି ସମୟରେ ସେହି ମୋହିନୀର ଅଙ୍ଗବସନ ବାୟୁଦ୍ୱାରା ଉଡି ଯିବାରୁ ତାର ଅଙ୍ଗ ସୌଷ୍ଟବରେ ମହାଦେବ କାମାସକ୍ତ ହୋଇ ତା ନିକଟକୁ ଚାଲିଲେ । ବିବସନା ମୋହିନୀ କାମ ବିହ୍ୱଳିତ ଶିବଙ୍କୁ ନିକଟରେ ଦେଖି ଲଜ୍ଜା ପ୍ରକାଶ କରି ବୃକ୍ଷାନ୍ତରାଳରେ ଲୁଚିଗଲେ । କାମ ବିହ୍ୱଳିତ ଶିବ ସେହି ନାରୀକୁ ଆଲିଙ୍ଗନ କରିବାକୁ ପଶ୍ଚାତଧାବନ କରିବା ସହ ହସ୍ତ ସମ୍ପ୍ରସାରଣ କଲେ ଏବଂ ନିବିଡ ଭାବରେ ଆଲିଙ୍ଗନ କଲେ । ହଠାତ୍ ସେହି ନାରୀ ଶିବଙ୍କ ଆଲିଙ୍ଗନରୁ ମୁକୁଳି ପଳାଇ ଯିବାରୁ ଶିବ ତାହାର ଅନୁସରଣ କରୁଥିବା ସମୟରେ ନିଜେ ବିବସ୍ତ୍ର ହୋଇଗଲେ ମଧ୍ୟ ସେଥିପ୍ରତି ନିଘା ନାହିଁ । ଧାଉଁଥିବା ସମୟରେ ଅତ୍ୟନ୍ତ କାମୋତ୍ତେଜନା କାରଣରୁ ଶିବଙ୍କର ଅମୋଘ ବୀର୍ଯ୍ୟ ସ୍ଖଳିତ ହେଲା ଯାହାକି ପରେ ବୀର୍ଯ୍ୟ ପତିତ ହୋଇଥିବା ସ୍ଥାନଗୁଡିକ ସ୍ୱର୍ଣ୍ଣକ୍ଷେତ୍ର ବୋଲାଇଲା । ଭଗବାନ ବିଷ୍ଣୁ ଏଭଳି ଅବସ୍ଥା ଶିବଙ୍କର ଦେଖି ନିଜର ମୋହିନୀ ରୂପ ସମ୍ବରଣ କଲେ ଓ ନିଜ ରୂପ ଧାରଣ କଲେ । ଶିବଶଙ୍କର ବିଷ୍ଣୁଙ୍କର ମନ୍ଦ ମନ୍ଦ ହସୁଥିବା ଦେଖି ଅତ୍ୟନ୍ତ ଲଜ୍ଜିତ ହେବା ସହ ମାତା ପାର୍ବତିଙ୍କୁ ଅନାଇ ପାରିଲେ ନାହିଁ । ଭଗବାନ ବିଷ୍ଣୁଙ୍କର ଆଶ୍ୱସନା ପୂର୍ଣ୍ଣ କଥା ଶୁଣି ଶିବ ଶାନ୍ତ ହୋଇ ତାଙ୍କର ସ୍ତୁତି କଲେ । ହେ ମାୟାଧର ଆପଣଙ୍କ ମାୟା ଅତୀବ ଶକ୍ତିଶାଳୀ । ମୋ ଭଳି ନର୍ଲିପ୍ତ ନିର୍ବିକାର ଓ ଜିତେନ୍ଦ୍ରିୟ ପ୍ରତି ଆପଣଙ୍କ ଏ ପରୀକ୍ଷା ଜଗତରେ ଆଦର୍ଶ ପ୍ରତିଷ୍ଠା କରିବ । ଭଗବାନ ବିଷ୍ଣୁ କହିଲେ ହେ ରୁଦ୍ରଦେବ, ତୁମର ମହିମା ଅଜ୍ଞାନ ଓ ଅଗୋଚର । ତୁମେ ମୋର ଅନ୍ୟରୂପ । ଆମେ ଏକ ରୂପରେ ରଚନା,ପାଳନ ଏବଂ ସଂହାର କରୁ । ଆଜିର ଏହି କର୍ମରେ କାମନାର ଦୁର୍ଜୟ ଶକ୍ତି ପ୍ରଦର୍ଶ କରି ଜଗତକୁ ସତର୍କ ଓ ଶିକ୍ଷାଦାନ କଲୁ । ଏହାପରେ ଭଗବାନ ବିଷ୍ଣୁ ମହାଦେବଙ୍କୁ ପ୍ରଦକ୍ଷିଣ କରି ବୈକୁଣ୍ଠକୁ ପ୍ରତ୍ୟାବର୍ତ୍ତନ କଲେ । ଶିବ ମଧ୍ୟ କୈଳାସକୁ ଫେରିଗଲେ । ସେଠାରେ ମାତା ପାର୍ବତୀଙ୍କ ସହ ମୁନିଋଷିମାନେ ପରିବେଷ୍ଟିତ ହୋଇ ବିଷ୍ଣୁ ମହିମା ଆଲୋଚନା କଲେ ।

### ୧୩ଶ ଅଧ୍ୟାୟ

### ॥ ସପ୍ତାଦି ମନ୍ୱନ୍ତର ॥

ଶ୍ରୀ ଶୁକଦେବ କହିଲେ,ବିବସ୍ୱାନଙ୍କ ପୁତ୍ର ଶ୍ରାଦ୍ଧଦେବ ସପ୍ତମ ମନୁ ଅଟନ୍ତି ତାଙ୍କର ଇକ୍ଷାକୁ ଓ ନଭଗ ଆଦି ଦଶ ପୁତ୍ର । ଏହି ମନ୍ୱନ୍ତରରରେ ଆଦିତ୍ୟ ଆଦି ଦେବତା ଓ ପୁରନ୍ଦର ନାମଧେୟ ଇନ୍ଦ୍ର ସୃଷ୍ଟି ହୋଇଥିଲେ । କଶ୍ୟପ, ଅତ୍ରି, ବଶିଷ୍ଠ, ବିଶ୍ୱାମିତ୍ର, ଗୌତମ, ଯମଦଗ୍ନି, ଭରଦ୍ୱାଜ, ଏହି ସପ୍ତର୍ଷିମାନେ ମଧ୍ୟ ସୃଷ୍ଟି ହେଲେ । ଏହି ମନ୍ୱନ୍ତରରେ ପ୍ରଜାପିତା କଶ୍ୟପଙ୍କଠାରୁ ଅଦିତିଙ୍କ ଗର୍ଭରେ ଭଗବାନ ଜନ୍ମ ଗ୍ରହଣ କରିଥିଲେ । ସେ ଆଦିତ୍ୟମାନଙ୍କ ମଧ୍ୟରେ ସର୍ବ କନିଷ୍ଠ ବାମନ ରୂପଧାରୀ ବିଷ୍ଣୁ । ସୂର୍ଯ୍ୟଙ୍କର ଦୁଇ ପତ୍ନୀ ଉଭୟ ବିଶ୍ୱକର୍ମାଙ୍କର ଦୁଇ କନ୍ୟା ସଂଜ୍ଞା ଓ ଛାୟା । କେତେକଙ୍କ ମତରେ ତାଙ୍କର ଅନ୍ୟ ଏକ ପତ୍ନୀ ବଡବା । ସଂଜ୍ଞାଙ୍କର ତିନିଗୋଟି ସନ୍ତାନ ଯଥା- ଯମ, ଯମୀ ଓ ଶ୍ରାଦ୍ଧଦେବ । ଛାୟାଙ୍କର ମଧ୍ୟ ତିନି- ସାବର୍ଣ୍ଣି, ତପତୀ ଓ ଶନିଶ୍ଚର ନାମରେ ସନ୍ତାନ । ବଡବାଙ୍କର ଯମଜ ପୁତ୍ର ଅଶ୍ୱିନୀକୁମାର ଦ୍ୱୟ । ଏହି ମନ୍ୱନ୍ତରରେ ବିରୋଚନ ପୁତ୍ର ବଳି ରାଜା ସ୍ୱର୍ଗର ଇନ୍ଦ୍ର ହେବେ । ସେ ଭଗବାନଙ୍କୁ ତ୍ରିପଦ ଭୂମି ଦାନରେ ସନ୍ତୁଷ୍ଟ କରି ସ୍ୱର୍ଗଠାରୁ ଅଧିକ ସୁଖପ୍ରଦ ସୁତଳ ଲୋକରେ ଏବେ ଇନ୍ଦ୍ର ତୁଲ୍ୟ ଅଛନ୍ତି । ଏହି ମନ୍ୱନ୍ତରରେ ଦେବ ଗୁହ୍ୟକଙ୍କଠାରୁ ସରସ୍ୱତୀ ଗର୍ଭରେ ଭଗବାନ ଅବତୀର୍ଣ୍ଣ ହୋଇ ସାର୍ବଭୌମ ନାମରେ ଖ୍ୟାତ ହେବେ ଏବଂ ପୁରନ୍ଦରଙ୍କୁ ପଦଚ୍ୟୁତ କରି ବଳିକୁ ଇନ୍ଦ୍ରତ୍ୱ ଅର୍ପଣ କରିବେ । ବରୁଣ ପୁତ୍ର ଦକ୍ଷ ସାବର୍ଣ୍ଣି ନବମ ମନୁ ଅଟନ୍ତି । ଏହି ମନ୍ୱନ୍ତରରେ ଭଗବାନ ଋଷଭ ଅବତାର, ଦଶମ ମନୁରେ ବିଶ୍ୱକସେନ, ଏକାଦଶ ମନୁରେ ଧର୍ମସେତୁ, ଦ୍ୱାଦଶ ମନୁରେ ସୁଧାମା, ତ୍ରୟୋଦଶରେ ଯୋଗେଶ୍ୱର ଏବଂ ଚତୁର୍ଦ୍ଦଶରେ ବୃହତଭାନୁ ନାମରେ ବିଖ୍ୟାତ ହେବେ ।

### ୧୪ଶ ଅଧ୍ୟାୟ

### ॥ ମନ୍ୱାଦି ଧର୍ମ ॥

ଶ୍ରୀ ଶୁକଦେବ କହିଲେ, ହେ ରାଜା, ଯେଉଁ ମନୁ କାଳରେ ଯେଉଁ ଧର୍ମ ତାହାର ସୂଚନା ଦେଉଛି । ସର୍ବରୂପ ସ୍ୱୟଂ ନାରାୟଣ ହିଁ ଇନ୍ଦ୍ରାଦି ଦେବତା ରୂପରେ ପ୍ରକଟିତ ହୋଇ ସମସ୍ତେ ଶୃତି ନିର୍ଦ୍ଦିଷ୍ଟ ସନାତନ ଧର୍ମ ପାଳନ ଓ ରକ୍ଷା କରନ୍ତି । ତାହା କାଳ ପ୍ରଭାବରେ ନଷ୍ଟ ହେଲେ ତାକୁ ପୁନରୁଦ୍ଧରା କରନ୍ତି । ଭଗବାନ ଶ୍ରୀହରି ପ୍ରତି ଯୁଗରେ ସନକାଦି ସିଦ୍ଧ ରୂପ ଧାରଣ କରି ଜ୍ଞାନୋପଦେଶ ପ୍ରଦାନ କରନ୍ତି । ଯଜ୍ଞବଲ୍କାଦି ଋଷି ରୂପରେ କର୍ମୋପଦେଶ, ଦତ୍ତାତ୍ରେୟ ରୂପରେ ଯୋଗେଶ୍ୱର ରୂପରେ ଯୋଗପଦେଶ ପ୍ରଦାନ କରନ୍ତି । ସେ ପୁଣି ମରିଚୀ ଆଦି ପ୍ରଜାପତି ରୂପେ ସୃଷ୍ଟି କରନ୍ତି । ରାଜମୂର୍ତ୍ତି ଧାରଣ କରି ଦସ୍ୟୁ ନିବାରଣ ଓ ପ୍ରଜାପାଳନ କରନ୍ତି । କାଳରୂପୀ ହୋଇ ସଂହାର କରନ୍ତି । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ତ୍ରିଗୁଣ ପ୍ରକାଶିତ ହୁଏ । ଏହିପରି ସେ ଏକ ଓ ଅଦ୍ୱିତୀୟ ରୂପେ ସକଳ ପ୍ରକାର କାର୍ଯ୍ୟ ଓ କାରଣ ହେଲେ ହେଁ ମାୟା ମୁଗ୍ଧ ମନୁଷ୍ୟ ତାଙ୍କୁ କେବେ ହେଲେ ଚର୍ମଚକ୍ଷୁରେ ଦେଖିପାରେ ନାହିଁ

### ୧୫ଶ ଅଧ୍ୟାୟ

### ॥ ବଳି ରାଜାଙ୍କର ବିଶ୍ୱ ବିଜୟ ॥

ଶ୍ରୀ ଶୁକଦେବ କହିଲେ, ଅସୁର ରାଜା ବଳି ଇନ୍ଦ୍ର କର୍ତ୍ତୁକ ଯୁଦ୍ଧରେ ପରାଜିତ ଓ ଲାଞ୍ଛିତ ହୋଇ ନିର୍ଜିବ ଅବସ୍ଥା ପ୍ରାପ୍ତ ହେବାରୁ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଦ୍ୱାରା ପୁନର୍ଜୀବନ ପ୍ରାପ୍ତ ହେଲେ । ସ୍ୱର୍ଗ ଜୟ ଅଭିଳାଷରେ ସେ ଗୁରୁଙ୍କର ନିର୍ଦ୍ଦେଶ କ୍ରମେ ବିଶ୍ୱଜିତ ଯଜ୍ଞକଲେ । ସେହି ପବିତ୍ର ଯଜ୍ଞ ଅଗ୍ନି ମଧ୍ୟରୁ ହରିତବର୍ଣ୍ଣ ଅଶ୍ୱଚାଳିତ ଓ ସିଂହଲାଞ୍ଛିତ ପତାକାଯୁକ୍ତ ସୁବର୍ଣ୍ଣ ରଥ, ଧନୁ, ଅକ୍ଷୟ ତୂଣୀର ଏବଂ ଦିବ୍ୟ କବଚ ପ୍ରାପ୍ତ ହେଲେ । ତାଙ୍କର ପିତାମହ ଭକ୍ତପ୍ରବର ପ୍ରହ୍ଲାଦ ତାଙ୍କୁ ଗୋଟାଏ ଅମ୍ଳାନ ପୁଷ୍ପମାଳା ଏବଂ ଗୁରୁ ଶୁକ୍ରାଚାର୍ଯ୍ୟ ଗୋଟିଏ ଜୟଶଂଖ ପ୍ରଦାନ କଲେ । ବିପ୍ରମାନେ ସ୍ୱସ୍ତ୍ୟୟନ କରି ଆଶିଷ ମନ୍ତ୍ର ପାଠକଲେ । ବଳି ରାଜା ଗୁରୁ, ବିପ୍ର ଓ ପିତାମହଙ୍କୁ ପ୍ରଣିପାତ କରି ମାଳା ଓ କବଚ ଧାରଣ କଲେ ଏବଂ ଯଜ୍ଞରୁ ପ୍ରାପ୍ତ ଧନୁ ଓ ଅକ୍ଷୟ ତୂଣୀର ସହିତ ସକଳ ଆୟୁଧରେ ସୁସଜ୍ଜିତ ହୋଇ ସ୍ୱର୍ଣ୍ଣରଥ ଆରୋହଣ ପୂର୍ବକ ବିପୁଳ ସୈନ୍ୟବାହିନୀ ନେଇ ସ୍ୱର୍ଗ ଆକ୍ରମଣ କଲେ । ସ୍ୱର୍ଗର ଅତୁଳ ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟକୁ ଦେଖି ତାହା ଧ୍ୱଂସ କରିବାକୁ ତାଙ୍କର ଇଛା ହେଲାନାହିଁ । ଯୁଦ୍ଧରେ ଇନ୍ଦ୍ରାଦି କୌଣସି ଦେବତା ତାଙ୍କର ସମ୍ମୁଖୀନ ହୋଇ ପାରିଲେ ନାହିଁ । ଶୁକ୍ରାଚାର୍ଯ୍ୟ ପ୍ରଦତ୍ତ ଜୟଶଙ୍ଖ ନାଦ କରି ବଳି ଦେବତାମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କଲେ । ଇନ୍ଦ୍ରାଦି ଦେବତାମାନେ ଦେବଗୁରୁ ବୃହସ୍ପତିଙ୍କ ନିକଟକୁ ଯାଇ ପଚାରିଲେ, ହେ ଗୁରୁଦେବ ବଳି କାହା ତେଜରେ ଏପରି ତେଜୀୟାନ ହୋଇଛି ? ତାର ଗତିରୋଧ ଆମ ଦ୍ୱାରା ସମ୍ଭବ ହେଉନାହିଁ । ବୃହସ୍ପତି ବଳିରାଜାଙ୍କର ବିଶ୍ୱଜିତ ଯଜ୍ଞ ବିଷୟ କହି ଆପାତତଃ ସ୍ୱର୍ଗ ତ୍ୟାଗ କରି ଆତ୍ମଗୋପନ କରିବାକୁ ଇନ୍ଦ୍ରକୁ ପରାମର୍ଶ ଦେଲେ । ଦେବତାମାନେ ଅଦୃଶ୍ୟ ହେବାର ଦେଖି ବଳି ଅସୁରମାନଙ୍କ ସହ ସ୍ୱର୍ଗପୁରରେ ବାସ କରି ସମସ୍ତ ସ୍ୱର୍ଗ ସମ୍ପଦ ଭୋଗ କରିବା ସହ ତ୍ରିଭୂବନକୁ ଆପଣାର ବଶୀଭୂତ କଲେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ଭାବରେ ବନ୍ଧା ଭାବଗ୍ରାହୀ



ଶ୍ୱେତା ରାଉତ୍

ବିଦୂର ଯେତେବେଳେ ଦେଖିଲେ ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ ଅନୀତି ତ୍ୟାଗ କରୁନାହାନ୍ତି, ସେମାନଙ୍କ ସାନିଧ୍ୟ ଓ ଅନ୍ନ ତାଙ୍କର ବୃତ୍ତିକୁ ପ୍ରଭାବିତ କରିପାରେ ବୋଲି ତାଙ୍କ ମନରେ ଆଶଙ୍କା ଜାତ ହେଲା । ତେଣୁ ନଗର ବାହାରେ କୁଟୀର ନିର୍ମାଣ କରି ସେ ନିଜ ପତ୍ନୀ ସୁଲଭାଙ୍କ ସହିତ ବାସ କଲେ । ସେ ଜଙ୍ଗଲରୁ ଶାଗ ସଂଗ୍ରହକରି, ସିଝାଇ ଉଦର ପୂରଣ କରୁଥିଲେ ଏବଂ ସତ୍‌କାର୍ଯ୍ୟରେ, ପ୍ରଭୁ ସ୍ମରଣରେ ଲୀନ ରହୁଥିଲେ । ସନ୍ଧି କରିବାର ପ୍ରସ୍ତାବ ନେଇ ଶ୍ରୀକୃଷ୍ଣ ଦୂତ ରୂପେ ଆସିଲେ । ତାଙ୍କ ଉଦ୍ଦେଶ୍ୟ ସଫଳ ହେଲା ନାହିଁ । ସେ ଧୃତରାଷ୍ଟ୍ର, ଦ୍ରୋଣାଚାର୍ଯ୍ୟ ଇତ୍ୟାଦିଙ୍କର ନିମନ୍ତ୍ରଣ ଅସ୍ୱୀକାର କରି ବିଦୁରଙ୍କ ଘରେ ପହଞ୍ଚିଲେ, ସେଠାରେ ସେ ଭୋଜନ କରିବାର ଇଚ୍ଛା ପ୍ରକଟ କଲେ । ବିଦୁରଙ୍କ ମନରେ ସଂକୋଚ, ସେ ପ୍ରଭୁଙ୍କୁ ଶାଗ ଭଜା ଦେବେ ? ସେ ଶ୍ରୀକୃଷ୍ଣଙ୍କୁ ପଚାରିଲେ 'ଆପଣଙ୍କୁ ଭୋକ ହେଉଥିଲା, ଖାଇବାର ସମୟ ବି ହୋଇଥିଲା, ସେମାନଙ୍କ ଆଗ୍ରହ ମଧ୍ୟ ଥିଲା, ତଥାପି ଆପଣ ଭୋଜନ କଲେ ନାହିଁ କାହିଁକି ? ଭଗବାନ ଉତ୍ତର ଦେଲେ ''କକା, ଯେଉଁ ଭୋଜନ ଗ୍ରହଣ କରିବାକୁ ଆପଣ ଉଚିତ ମନେ କଲେ ନାହିଁ, ଯାହା ଆପଣଙ୍କ ଗଳାଧଃକରଣର ଯୋଗ୍ୟ ହେଲା ନାହିଁ, ତାହା ମୋତେ ରୁଚିକର ହୁଅନ୍ତା କେମିତି ? ଯାହା ଆପଣଙ୍କୁ ସୁଆଦ ଲାଗୁଛି, ସେଥିରେ ମୋତେ ଯେ ସ୍ୱାଦ ମିଳିବ ନାହିଁ- ଏକଥା ଆପଣ ଭାବୁଛନ୍ତି କିପରି ?'

ବିଦୂର ଭାବବିଭୋର ହୋଇଗଲେ । ପ୍ରଭୁଙ୍କ ସ୍ମରଣ ମାତ୍ରେ ତାଙ୍କୁ ପ୍ରିୟ ଲାଗୁଥିବା ସଂସ୍କାର, ପଦାର୍ଥ ନୁହେଁ, ତେବେ କେବଳ ପଦାର୍ଥ ଦ୍ୱାରା ପ୍ରଭୁଙ୍କ କ୍ଷୁଧା ଦୂର ହୋଇଥାନ୍ତା କିପରି ? ସେ କେବଳ ଭାବ ଦେଖୁଥାନ୍ତି । ବିଦୂର ଦମ୍ପତିଙ୍କ ନିକଟରେ ଭାବର ତ ଅଭାବ ନ ଥିଲା । ଶାଗ ଭଜା ମାଧ୍ୟମରେ ଦିବ୍ୟ ଆଦାନ ପ୍ରଦାନ ଚାଲିଲା । ଦୁହେଁ ଧନ୍ୟ ହୋଇଗଲେ । ସ୍ୱାର୍ଥପର ବ୍ୟକ୍ତି ଉଦାରତା ପୂର୍ବକ ସୁବିଧା ଦେବା ପାଇଁ ଚେଷ୍ଟା କରେ । ସେଥିରେ କର୍ତ୍ତବ୍ୟ ଭାବ ନ ଥାଏ । କାରଣ ସେ କୃପା ଆଳରେ ଦାନ କରିବାର ଅହଙ୍କାର ରଖି ମନଇଚ୍ଛା କିଛି କରିବାକୁ ଇଚ୍ଛା କରିଥାଏ । ଏପରି ସୁବିଧା ଭଗବାନ କିମ୍ୱା ତାଙ୍କର ଭକ୍ତ ସ୍ୱୀକାର କରି ନଥାନ୍ତି । ଉଭୟ ତାହାଠାରୁ ଦୂରରେ ରହନ୍ତି । ଭକ୍ତ ହୁଅନ୍ତୁ କି ଭଗବାନ ଶ୍ରଦ୍ଧା, ସମର୍ପଣର ଭାବ ହିଁ ତାଙ୍କୁ ପ୍ରିୟ ହୋଇଥାଏ । ଯେତେ ଅର୍ଥ,ପଦାର୍ଥ ଦାନ ପୁଣ୍ୟ କଲେ କଣ ହେବ ଯଦି ଭାବ ନଥାଏ, ଈଶ୍ୱର କଦାପି ସ୍ୱୀକାର କରନ୍ତି ନାହିଁ । ସେଥିପାଇଁ କୁହାଯାଏ ଭାବରେ ବନ୍ଧା ଭାବଗ୍ରାହୀ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପାର୍ଟନର ସହ ଝଗଡା ହେବା ପରେ କେବେ ବି କରନ୍ତୁ ନାହିଁ ଏହି ୩ ଭୁଲ୍



ପାର୍ଟନର ସହ ଝଗଡା ହେବା ପରେ ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ । ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ । ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା ।

ଅନେକ ଲୋକ ଅଛନ୍ତି ଯେଉଁମାଙ୍କର ଅଭ୍ୟାସ ନିଜ ପାର୍ଟନର ସହ ଝଗଡା ପରେ ପରେ ଶୀଘ୍ର ଆପୋଷ ବୁଝାମଣା କରିନେବା । କିନ୍ତୁ ବିଚାର ସମାନ ହୋଇଥିଲେ ମଧ୍ୟ କାମ ଭିନ୍ନ ହୋଇଥାଏ ଏବଂ ବିବାଦ ବଢିଯାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣଙ୍କ ପାର୍ଟନରଙ୍କ ସହ ଝଗଡା ହେବା ପରେ ଆପଣ ଏହାର ସମାଧାନକୁ ନେଇ ଚିନ୍ତା କରନ୍ତି ।

କିନ୍ତୁ ଏହା କରିବା ସମୟରେ ହୋଇଯାଉଥିବା ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ । ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ । ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା ।

ସମ୍ପର୍କରେ ଝଗଡା ହେବା ଏକ ସ୍ୱାଭାବିକ କଥା । ପ୍ରତିଦିନ ଏମିତି ହେବା ମଧ୍ୟ ଜରୁରୀ କାରଣ ଏହା ହିଁ ସମ୍ପର୍କକୁ ଦୃଢ ଏବଂ ମଧୁର କରିଥାଏ । କାରଣ ଯେପର୍ଯ୍ୟନ୍ତ କଥାବାର୍ତ୍ତା ବନ୍ଦ ନ ହୋଇଛି ଏବଂ ପରସ୍ପରର ଚେହେରା ଦେଖିବାକୁ ପସନ୍ଦ ନ କରିଛେ, ଏହି ପରିସ୍ଥିତିକୁ ନିୟନ୍ତ୍ରଣ



କରାଯାଇପାରିବ । ତେବେ ଝଗଡା ପରେ, କିଛି କଥା ଜାଣିଶୁଣି କିମ୍ୱା ଅଜାଣତରେ ବିବାଦ ବଢାଇବା ଆରମ୍ଭ କରେ । ତେବେ ଆସନ୍ତୁ ସେସବୁ ବିଷୟରେ ଜାଣିବା ।

*ଝଗଡାର କାରଣକୁ ନେଇ ଚିନ୍ତା କରିବା:*

ଅନେକ ସମୟରେ ପାର୍ଟନରଙ୍କ ମଧ୍ୟରେ ହେଉଥିବା ଝଗଡା ମନକୁ ମନ ଶାନ୍ତ ପଡିଯାଏ । କିନ୍ତୁ କେହି ଯଦି ସବୁବେଳେ ଭାବେ ଯେ ସେମାନଙ୍କ ମଧ୍ୟ ଝଗଡା କାହିଁକି ହେଲା, ତେବେ ଏଥିରେ ଝଗଡା କମିବ ନାହିଁ । ତେଣୁ ଯଦି ଆପଣ ଝଗଡାକୁ ଅନ୍ତ କରିବାକୁ ଚାହାଁନ୍ତି, ତେବେ ଝଗଡା କେଉଁଠାରୁ ଆରମ୍ଭ ହେଲା ସେ ବିଷୟରେ ଆଲୋଚନା କରନ୍ତୁ ନାହିଁ, କାରଣ ଏହା କରିବା ଦ୍ୱାରା ଝଗଡା ପୁଣି ଥରେ ହୋଇପାରେ । କାରଣ ଏହା ପାର୍ଟନରକୁ ଆହୁରି କ୍ରୋଧିତ କରିଥାଏ ।

*ଦେଖାଣିଆ ବୁଝାମଣା:*

ଯଦି ଆପଣ ଝଗଡା ସମାଧାନ କରିବାକୁ ଏବଂ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହାନ୍ତି ତେବେ ଏହାକୁ କେବଳ ଦେଖାଣିଆ ପାଇଁ ନୁହେଁ ବରଂ ଏହାକୁ ହୃଦୟରୁ କରନ୍ତୁ । କାରଣ ଅନେକ ସମୟରେ ଛଳନା ଧରାପଡିଯାଏ ଏବଂ ତା'ପରେ ଆଉ ଏକ ନୂଆ ବିତର୍କ ଆରମ୍ଭ ହୁଏ ।

ଯଦି ଭୁଲଟି ନିଜର ତେବେ ଏହାକୁ ସହଜରେ ଗ୍ରହଣ କରନ୍ତୁ ଏବଂ ସରୀ ମାଗନ୍ତୁ ଏବଂ ଯଦିବି ଭୁଲ ପ୍ରତିପକ୍ଷର ଥାଏ ତେବେ ପରିସ୍ଥିତିକୁ ବୁଝି ସମାଧାନ କରିବାର ବାଟ କାଢନ୍ତୁ । ଅଧିକାଂଶ ଯୋଡି ସମାଧାନକୁ କେବଳ ଦେଖାଣିଆ କରନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ଆପଣଙ୍କ ସମ୍ପର୍କ ପାଇଁ ଠିକ୍ ନୁହେଁ । ଯଦି ଆପଣଙ୍କ ସାଥୀଙ୍କ ସହ ଆପଣଙ୍କର କୌଣସି ଅସୁବିଧା ଅଛି ତେବେ ଏହାକୁ ଆଲୋଚନା କରନ୍ତୁ ଏବଂ ସମାଧାନର ରାସ୍ତା ଖୋଜନ୍ତୁ ।

*ତତ୍‌କ୍ଷଣାତ ପଦକ୍ଷେପ ନେବା:*

ଝଗଡାର ସମାଧାନ ପାଇଁ ତତ୍‌କ୍ଷଣାତ ପଦକ୍ଷେପର କୌଣସି ଅର୍ଥ ନାହିଁ । ଯଦି କୌଣସି ଏକ ଗମ୍ଭୀର ପ୍ରସଙ୍ଗକୁ ନେଇ ଯୁକ୍ତି ଅଛି, ତେବେ ଆପଣଙ୍କ ସାଥୀଙ୍କୁ ଶାନ୍ତ ହେବାକୁ ସୁଯୋଗ ଦିଅନ୍ତୁ । ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜିବା ହେଉଛି ସଠିକ୍ ଉପାୟ, କିନ୍ତୁ ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରନ୍ତୁ ।

କ୍ରୋଧରେ, ଠିକ୍ କଥା ମଧ୍ୟ ଭୁଲ୍ ମନେହୁଏ ଏବଂ ସଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇଯାଏ । ଝଗଡା ପରେ, ଚିଡେଇବା ଏବଂ ଗାଳିଦେବାର ଅଭ୍ୟାସ ଛାଡି ପରସ୍ପରକୁ କିଛି ସମୟ ପାଇଁ ଏକଲା ଛାଡିଦିଅନ୍ତୁ । କିନ୍ତୁ ଏହାପରେ, ଘଟଣା କିପରି ଶାନ୍ତ କରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦେବତ୍ୱର ସନ୍ଧାନ...

ଉତ୍ତମ ହେଉ କି ଅଧମ କୃତ୍ରିମ ବୁଦ୍ଧିମତ୍ତା ଯଦି ପୂର୍ଣ୍ଣ ବିକଶିତ ହୋଇଯାଏ ତେବେ ତାହା ମାନବ ସଭ୍ୟତାକୁ ଧ୍ୱଂସ କରିଦେବ – ବିଗତ ଦଶନ୍ଧିରେ ପ୍ରଖ୍ୟାତ ବୈଜ୍ଞାନିକ ଷ୍ଟିଫେନ୍ ହକିଂ କରିଥିବା ଏହି ଚେତାବନୀ ସତେଯେପରି ଅପ୍ରାସଙ୍ଗିକ ହୋଇପଡ଼ିଛି ଏଆଇ ରୂପକ ଭସ୍ମାସୁରର ଆହ୍ୱାନ ଆଗରେ। ସମ୍ପ୍ରତି ମାତ୍ର ୧୦% ରୁ ୧୫% ବିକଶିତ ହୋଇଥିବା ଏଆଇର ଦାନବ-ସୁଲଭ ପ୍ରଭାବ ଡିପ୍‌ଫେକ୍, ସାଇବର କ୍ରାଇମ୍, ଡାଟା ଥେଫ୍ଟ ଆଦି ଜରିଆରେ ମାନବ ସଭ୍ୟତାକୁ ଆକ୍ରାନ୍ତ କରିସାରିଲାଣି। ଏଥିପାଇଁ ବିଶ୍ୱସ୍ତରୀୟ ଘନ ଘନ ଶୀର୍ଷସମ୍ମିଳନୀମାନ ଆୟୋଜିତ ହେଉଛି। ଆଲୋଚନା-ପର୍ଯ୍ୟାଲୋଚନା, ବିଚାର-ବିମର୍ଶ ହୋଇ କାର୍ଯ୍ୟପନ୍ଥା ସ୍ଥିର ହେଉଛି। ସମ୍ପ୍ରତି ଫ୍ରାନ୍ସରେ ଅନୁଷ୍ଠିତ ଏଆଇ ଶୀର୍ଷ ସମ୍ମିଳନୀ ଏହି ଦୃଷ୍ଟିରୁ ଅନେକ ଗୁରୁତ୍ୱ ବହନ କରେ। ଏହାପୂର୍ବରୁ ୨୦୨୩ ନଭେମ୍ବରରେ ୟୁକେର ବ୍ଲେଚ୍‌ଲି ପାର୍କରେ ୨୮ଟି ଦେଶ ମିଳିତ ଭାବେ ଯେଉଁ ନିଷ୍କର୍ଷରେ ପହଞ୍ଚିଥିଲେ ତାହା ଏଆଇକୁ ବିକାଶମୁଖୀ, ନିଯୁକ୍ତିସୃଷ୍ଟିଭିତ୍ତିକ, ମାନବ ସଭ୍ୟତାର ସୁରକ୍ଷା କୈନ୍ଦ୍ରିକ, ବିଶ୍ୱସନୀୟ ଓ ଉତ୍ତରଦାୟୀ କରିବା ଦିଗରେ ଅଭିପ୍ରେତ ଥିଲା। ୨୦୨୪ ମେ' ମାସରେ ଦକ୍ଷିଣ କୋରିଆର ସିଓଲ୍ ଶୀର୍ଷ ସମ୍ମିଳନୀରେ ଉପରୋକ୍ତ ସଂକଳ୍ପକୁ ଦୋହରାଯାଇଥିଲା ସିନା ଏହାର ବିପଦ ଆଶଙ୍କାକୁ ପ୍ରତିହତ କରିବା ପାଇଁ ନିର୍ଦ୍ଦିଷ୍ଟ ଉପାୟ ଚିନ୍ତା କରିବା ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ବିଡ଼ମ୍ବନା ହେଉଛି ସମ୍ମିଳନୀଗୁଡ଼ିକର ନିଷ୍କର୍ଷ ବାସ୍ତବବାଦୀ ଓ ପ୍ରୟୋଗାତ୍ମକ ହେଉ ନ ଥିବାରୁ ଏବଂ ସଦସ୍ୟ ରାଷ୍ଟ୍ରମାନେ ପ୍ରତିଯୋଗିତା ମନୋବୃତ୍ତିକୁ ଅଗ୍ରାଧିକାର ଦେଇ ଏଆଇର ଦାନବସୁଲଭତାକୁ ଅଣଦେଖା କରୁଥିବାରୁ ମାନବ ସଭ୍ୟତା ପ୍ରତି ବିପଦ ଘନୀଭୂତ ହେବାରେ ଲାଗିଛି। ପ୍ଲାଷ୍ଟିକ୍ ପରି ଏଆଇ ମଧ୍ୟ ଯେ କ୍ରମଶଃ ଆମ ଜୀବନଚକ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ। ସାମ୍ପ୍ରତିକ ଇଣ୍ଟରନେଟ୍ ଆଧିପତ୍ୟ ଯୁଗରେ ଏଆଇକୁ ବାଦ୍ ଦେଇ ଉନ୍ନତି, ପ୍ରଗତି ଆଦିର ପରିକଳ୍ପନା ମଧ୍ୟ ଏକପ୍ରକାର ଅବାଞ୍ଛନୀୟ ହୋଇପଡ଼ିଛି। ତେଣୁ ଏଆଇକୁ ଆହୁରି ଉନ୍ନତ କରି ଏହାର ପ୍ରୟୋଗକ୍ଷେତ୍ର ବୃଦ୍ଧି ପାଇଁ ବିଶ୍ୱସ୍ତରରେ ନିରନ୍ତର ଉଦ୍ୟମ ଜାରି ରହିଛି। ଏଆଇର କଲ୍ୟାଣକାରୀ ରୂପ ଓ ମଙ୍ଗଳମୟ ଲକ୍ଷ୍ୟ ନିଶ୍ଚୟ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ହେଲେ ମଧ୍ୟ ମଝିରେ ମଝିରେ ତା'ଭିତରେ ଲୁଚି ରହିଥିବା ଦାନବସୁଲଭ ଚରିତ୍ର ସାମ୍ନାକୁ ଆସିଯାଉଥିବାରୁ କେବଳ ଏଆଇ ବିପକ୍ଷବାଦୀ ବୁଦ୍ଧିଜୀବୀ ନୁହନ୍ତି, କେତେକ ରାଷ୍ଟ୍ରର ସରକାର ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ବିଶ୍ୱର ସବୁଠୁ ଅଗ୍ରଣୀ ଓ ବିକଶିତ ଦେଶ ଆମେରିକା ଏଆଇର ଅବାଧ ବ୍ୟାବହାରିକ ବୃଦ୍ଧି ଓ ସମ୍ଭାବ୍ୟ ବିନାଶକାରୀ କ୍ଷମତା ସମ୍ପର୍କରେ ଗତବର୍ଷ ରିପୋର୍ଟ ପାଇବା ପରେ ପ୍ରତିକାର ଖୋଜିବା ପାଇଁ ତତ୍ପର ହୋଇପଡ଼ିଥିଲା। ତତ୍କାଳୀନ ଆମେରିକା ପ୍ରଶାସନ ଗୁଗୁଲ, ମାଇକ୍ରୋସଫ୍ଟ ସମେତ ବିଭିନ୍ନ ଆଇଟି କମ୍ପାନୀର ପରିଚାଳକଙ୍କୁ ହ୍ୱାଇଟ୍‌ହାଉସକୁ ଡକାଇ ଆଲୋଚନା କରିଥିଲା। ସେଥିରୁ ମିଳିଥିବା କେତେକ ସୂଚନା ଅନୁଯାୟୀ ଆମେରିକା ସରକାର ଏଆଇର ଦୁରୁପଯୋଗ ଓ ସରକାରୀ ନିୟନ୍ତ୍ରଣହୀନତାକୁ ନେଇ ଅଧିକ ବିବ୍ରତ। ଯେତେବେଳେ ଆମେରିକା ପରି ଉନ୍ନତ ତଥା ଏଆଇର ଜନ୍ମଦାତା ତାହାର ଦାନବ ସୁଲଭ ଚରିତ୍ର ପାଇଁ ଚିନ୍ତିତ, ସେତେବେଳେ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରଙ୍କ ପରାଭବ ଅନୁମାନସାପେକ୍ଷ। ନବ ଉଦ୍ଭାବିତ ଔଷଧ ବଜାରକୁ ଛାଡ଼ିବା ପୂର୍ବରୁ ବିଭିନ୍ନ ସ୍ତରରେ ପରୀକ୍ଷା ନିରୀକ୍ଷା ଭଳି ବ୍ୟବସ୍ଥା ଏଆଇର ବିକାଶ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ କେତେକ ମହଲରୁ ମତ ପ୍ରକାଶ ପାଇଛି। ଏହା ପରେ ପରେ ଆଣବିକ ଶକ୍ତିକୁ ବିଶ୍ୱ ଶାନ୍ତି ଓ ମାନବ ସଭ୍ୟତାର ବିକାଶ ବଦଳରେ ବିଶ୍ୱବିଧ୍ୱଂସୀ ଅସ୍ତ୍ର ନିର୍ମାଣ ଓ ମହଜୁଦ ପାଇଁ ବିଶ୍ୱସ୍ତରରେ ପ୍ରତିଯୋଗିତା ଆରମ୍ଭ ହୋଇଗଲା। ଏବେ ସେହି ମାନସିକତାର ପ୍ରତିଫଳନ ଏଆଇ କ୍ଷେତ୍ରରେ ଦେଶଦେଶ ମଧ୍ୟରେ ଦେଖିବାକୁ ମିଳୁଛି। ଆମେରିକାର ଓପନ୍ ଏଆଇ, ଚାଟଜିପିଟି ଆଦିକୁ ଟକ୍କର ଦେଇ ନିକଟରେ ଚୀନ୍ ବୈଜ୍ଞାନିକଙ୍କ ଦ୍ୱାରା ଅପେକ୍ଷାକୃତ ବହୁ ସ୍ୱଳ୍ପ ମୂଲ୍ୟରେ ଅଧିକ ଦକ୍ଷ ଓ ବିକଶିତ 'ଡିପ୍‌ସେକ୍' ଆମେରିକା ସମେତ ବିଶ୍ୱର ବିକଶିତ ଦେଶମାନଙ୍କୁ ଆଚମ୍ବିତ ଓ ଚିନ୍ତିତ କରିଛି। ବୈଶ୍ୱିକ ପ୍ରତିଯୋଗିତାରେ ଦୁଇପାଦ ଆଗରେ ରହିବାର ଅହଂ ହିଁ ଏଆଇ ନିର୍ମାଣ ପ୍ରତିଯୋଗିତାକୁ (ପରମାଣୁ ବୋମା ବା ଆଣବିକ ଅସ୍ତ୍ର ନିର୍ମାଣ ଭଳି) ଆହୁରି ତୀବ୍ର କରିବାକୁ ଯାଉଛି। ଏହିକ୍ରମରେ ଭାରତ ମଧ୍ୟ ୧୦, ୩୭୧ କୋଟି ଟଙ୍କା ବ୍ୟୟରେ ଇଣ୍ଡିଆ ଏଆଇ ମିଶନ୍ ଆରମ୍ଭ କରିଛି। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଆଇ ପ୍ୟାରିସ୍ ସମ୍ମିଳନୀରେ ଯୋଗ ଦେଇ ଏଆଇ ବିକାଶ ଓ ବ୍ୟବହାର ଦିଗରେ ଭାରତର ଅଙ୍ଗୀକାରବଦ୍ଧତାକୁ ଦୋହରାଇଛନ୍ତି। ଏଆଇ ଯେତେ ଅଧିକ ଦକ୍ଷ ହେବ ତା'ଭିତରେ ଉଭୟ ଦେବ ଓ ଦାନବ ସୁଲଭ ଚରିତ୍ର ବିକଶିତ ହୋଇଚାଲିବ। ଏଆଇର ଏହି ଦାନବ ଚରିତ୍ର ଯଦି ଚୀନ୍, ଉତ୍ତରକୋରିଆ ପରି ଦୁଷ୍ଟ ଦେଶ ଓ ଆତଙ୍କବାଦୀ ସଂଗଠନମାନଙ୍କର ବଶତା ସ୍ୱୀକାର କରିନେବ, ତା' ଆଗରେ ଏଆଇର ଦେବସୁଲଭ ଗୁଣ ନିଷ୍ପ୍ରଭ ହୋଇ ପୁରାଣବର୍ଣ୍ଣିତ ଅତଳ ସାଗରେ ଆତ୍ମଗୋପନ କରିବା ଅବଶ୍ୟମ୍ଭାବୀ ହୋଇପଡ଼ିବ। ତପ ଶକ୍ତି ଉଭୟ ସୁର ଓ ଅସୁରଙ୍କ ପାଖରେ ଥିଲା। ସୁରମାନେ ସୃଷ୍ଟିର ସେବାରେ ସେହି ଦିବ୍ୟଶକ୍ତିକୁ ନିୟୋଜିତ କରୁଥିବା ବେଳେ ଅସୁରମାନେ ସେହି ଶକ୍ତିର ଦୁରୁପଯୋଗରେ ଧ୍ୱଂସଲୀଳା ରଚନା କରୁଥିଲେ। ଏଆଇ ଧୀସମ୍ପନ୍ନ ମସ୍ତିଷ୍କମାନଙ୍କର ଦୀର୍ଘ ଗବେଷଣା ଓ ସାଧନାସମ୍ଭୂତ କୋମଳଶକ୍ତି, ଯାହା ମାନବ ପାଇଁ ଅସାଧ ମନେ ହେଉଥିବା କାର୍ଯ୍ୟକୁ ସହଜ ଓ ସତ୍ୱରେ ସାଧନ କରିପାରେ। କିନ୍ତୁ ଏହାର ଦୁରୁପଯୋଗ ମାନବ ସଭ୍ୟତାକୁ ନିମିଷକେ ଧ୍ୱଂସ ମଧ୍ୟ କରିପାରେ। ଏବେ ସମୟ ଆସିଛି ଦେଶମାନେ ନିଜନିଜ ଉତ୍କର୍ଷ ପ୍ରତିପାଦନ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ମଡେଲ୍ ତିଆରି ପ୍ରତିଯୋଗିତାରେ ସାମିଲ୍ ନ ହୋଇ ବରଂ ତାହାର ଦାନବ-ସୁଲଭ ଅବତାରର ଭ୍ରୂଣନଷ୍ଟ ଦିଗରେ ବ୍ରତୀ ହେବାକୁ ପଡ଼ିବ। ଏଆଇ ଭିତରେ ଦେବତ୍ୱର ସନ୍ଧାନ ପ୍ରକ୍ରିୟା ଓ ବ୍ୟବହାର ମାନସିକତା ଯେତେ ଅଧିକ ବଳଶାଳୀ ହେବ ତାହା ମାନବ ହିତୈଷୀ ହୋଇପାରିବ।

## ଅପେରା ନାଚ

### ସୁବ୍ରତ ପଟ୍ଟନାୟକ



ଖଣ୍ଡଗିରି ମେଳାରେ ଚାଲିଛି ଅପେରା କୁମ୍ଭମେଳା। ଦର୍ଶକଙ୍କୁ ଆକୃଷ୍ଟ କରିବା ଲାଗି ପ୍ରତି ଯାତ୍ରା ଦଳର ନୂଆ ଫର୍ମୁଲା। କେଉଁଠି ନାଟକର ଭିଲିଆନ୍ ମାଫିଆ ଡନ୍ ବେଶରେ ତ କେଉଁଠି ଚୁଲ୍‌ବୁଲି ହିରୋଇନ୍ ଡମ୍ବୁରୁ ଧରି ନଟରାଜ ନୃତ୍ୟରେ, ଟିକେଟ କାଉଣ୍ଟର ନିକଟରେ ହାଜର। ଛଅଟି ଯାତ୍ରା ପେଣ୍ଡାଲରେ ବାର ରାତି ନାଟକ। ସବୁଠି ଛାଇ ଯାଇଛି ଷ୍ଟାର୍ ଆର୍ଟିଷ୍ଟଙ୍କ ମାଳମାଳ ପୋଷ୍ଟର୍। ବାରବାଟି ଷ୍ଟାଡିୟମ୍‌ର କ୍ରିକେଟ ମ୍ୟାଚ୍ ଭଳି, ଖଣ୍ଡଗିରି ଅପେରା ବେଶ୍ ନିଆରା।

ଚଳିତ ବର୍ଷ ଖଣ୍ଡଗିରି ଯାତ୍ରା ମଞ୍ଚରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଯାତ୍ରା କମିଟି ନିଷ୍ପତ୍ତି ନେଇଛନ୍ତି- ଅପେରାରେ ମେଲୋଡ଼ି ଓ ରେକର୍ଡ ଡ୍ୟାନ୍ସ ପୂର୍ବପରି ଚାଲିବ। କିନ୍ତୁ, ଆଇଟମ୍ ଡ୍ୟାନ୍ସ ହେବ ନାହିଁ। ରେକର୍ଡ ଡ୍ୟାନ୍ସରେ ବି ଅଶ୍ଳୀଳ ନୃତ୍ୟକୁ ରୋକ୍ ଲଗାଯାଇଛି। କଠୋର ନିଷ୍ପତ୍ତିସ୍ୱରୂପ ଆଇଟମ୍ ଡ୍ୟାନ୍ସର ରାନୀ ପଣ୍ଡା, ନିଶା ମହାରଣା ଓ ସାହୁ ଭାଉଜଙ୍କୁ ଖଣ୍ଡଗିରି ଯାତ୍ରା ମଞ୍ଚକୁ ବାରଣ କରାଯାଇଛି। ଯାତ୍ରା ମଞ୍ଚରେ ଫୁଙ୍ଗୁଲା ନାଚକୁ ନେଇ ଯେଉଁ ବାଦ ବିବାଦ ଦେଖା ଦେଇଛି, ସେ ସମ୍ପର୍କରେ ଆଲୋଚନା ହିଁ ଆଜିର ଆଲୋଚ୍ୟ।

ଆମେ ଜାଣୁ, ଖଣ୍ଡିଗିରି ଅପେରା ମହାକୁମ୍ଭକୁ ବର୍ଷକୁ ପୂର୍ବରୁ ସ୍ୱନାମଧନ୍ୟ ଯାତ୍ରା ପାର୍ଟିକୁ ବଇନା ଦେଇ ବୁକ୍ କରାଯାଏ। ସେଇଠି ଯେଉଁ ଦଳ ବାଜିମାତ କରନ୍ତି, ସାରା ଓଡ଼ିଶାରେ ସେମାନଙ୍କର ପ୍ରଶଂସା ଥୟ। ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେବା ଉଦ୍ଦେଶ୍ୟରେ ହିନ୍ଦି ଚଳଚ୍ଚିତ୍ର କଣ୍ଠଶିଳ୍ପୀଙ୍କୁ ବି ଖଣ୍ଡଗିରି ଯାତ୍ରା ମଞ୍ଚକୁ ଡକାଯାଏ। ସେମାନଙ୍କୁ ଦେଖିବାକୁ ଶୁଣିବାକୁ ଭିଡ଼ ଅସମ୍ଭାଳ। ତେବେ, ସେମାନଙ୍କର ପାଉଣା ଓ ଅନ୍ୟାନ୍ୟ ଖର୍ଚ୍ଚ କାହିଁରେ କଣ? ତେଣୁ ଏଭଳି ଦାମୀ କଣ୍ଠଶିଳ୍ପୀଙ୍କ ବଦଳରେ ବିକଳ୍ପ ବ୍ୟବସ୍ଥା ହେଲା- ଆଇଟମ୍ ଡ୍ୟାନ୍ସ। ବିଭିନ୍ନ ଯାତ୍ରା ମଞ୍ଚରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବେଙ୍ଗଲ ଆଇଟମ୍ ଡ୍ୟାନ୍ସରଙ୍କୁ ଭଡ଼ାରେ ଅଣାଗଲା। ସେମାନେ ଷ୍ଟେଜ୍ ଉପରେ ଧୂମ୍ ନାଚିଲେ ସତ, ମାତ୍ର ନ ଦେଖାଇବା ଜିନିଷ ବି ଦର୍ଶକଙ୍କୁ ଜଳଜଳ ଦେଖାଇଲେ। ସେଥିଯୋଗୁଁ ଯାତ୍ରାରେ ଆଇଟମ୍ ଡ୍ୟାନ୍ସ ମାତ୍ରାଧିକ ଡିମାଣ୍ଡ ହେଲା। ଆଇଟମ୍ ଡ୍ୟାନ୍ସରଙ୍କ ସହିତ ଯାତ୍ରା ପାର୍ଟିର ରେକର୍ଡ ଡ୍ୟାନ୍ସର ପ୍ରତିଯୋଗିତା ଆରମ୍ଭ କଲେ। ଟିପି ଟିପି ବରଷା ରାଣୀ ଗୀତର ତାଳେ ତାଳେ ଧୋବ ଫରଫର ପତଳା ଶାଢ଼ୀରେ ଭିଜିଲେ। ସୁଇମିଂ ପ୍ୟାଣ୍ଟ ଭିତରେ ରଙ୍ଗ ପାଣି ପୁରାଇ ଅଣ୍ଟା ଦୋହଲାଇଲେ। ନାଟକ ବଦଳରେ ଷ୍ଟେଜ୍ ଉପରେ ଚାଲିଲା ଯୁବକ ଯୁବତୀଙ୍କ କୁସ୍ତି କସରତ୍। ଷ୍ଟଣ୍ଟ୍ ସୋ'।

> ଚଳିତ ବର୍ଷ ଖଣ୍ଡଗିରି ଯାତ୍ରା ମଞ୍ଚରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଯାତ୍ରା କମିଟି ନିଷ୍ପତ୍ତି ନେଇଛନ୍ତି- ଅପେରାରେ ମେଲୋଡ଼ି ଓ ରେକର୍ଡ ଡ୍ୟାନ୍ସ ପୂର୍ବପରି ଚାଲିବ। କିନ୍ତୁ, ଆଇଟମ୍ ଡ୍ୟାନ୍ସ ହେବ ନାହିଁ। ରେକର୍ଡ ଡ୍ୟାନ୍ସରେ ବି ଅଶ୍ଳୀଳ ନୃତ୍ୟକୁ ରୋକ୍ ଲଗାଯାଇଛି। କଠୋର ନିଷ୍ପତ୍ତିସ୍ୱରୂପ ଆଇଟମ୍ ଡ୍ୟାନ୍ସର ରାନୀ ପଣ୍ଡା, ନିଶା ମହାରଣା ଓ ସାହୁ ଭାଉଜଙ୍କୁ ଖଣ୍ଡଗିରି ଯାତ୍ରା ମଞ୍ଚକୁ ବାରଣ କରାଯାଇଛି। ଯାତ୍ରା ମଞ୍ଚରେ ଫୁଙ୍ଗୁଲା ନାଚକୁ ନେଇ ଯେଉଁ ବାଦ ବିବାଦ ଦେଖା ଦେଇଛି, ସେ ସମ୍ପର୍କରେ ଆଲୋଚନା ହିଁ ଆଜିର ଆଲୋଚ୍ୟ।

ଏସବୁ ଘଟଣା ପାଇଁ ପ୍ରକୃତରେ କିଏ ଦାୟୀ? କାହା ଇଙ୍ଗିତରେ ଏଭଳି ଖୁଲ୍ଲମଖୁଲ୍ଲା କାମ ଚାଲୁଛି। ସେ ସମ୍ପର୍କରେ ଏହି ସ୍ତମ୍ଭକାର କେତେକ ଯାତ୍ରାପାର୍ଟି ମାଲିକଙ୍କ ମତାମତ ନେଇଥିଲା। ଜଣେ ଯାତ୍ରାପାର୍ଟି ମାଲିକ କହିଲେ- ଆମ ଯାତ୍ରାପାର୍ଟିରେ ଆଇଟମ୍ ଡ୍ୟାନ୍ସର୍ ନାହାନ୍ତି। ଯାତ୍ରା ପରିବେଷଣ କରୁଥିବା ପରିଚାଳନା କମିଟି ଆଇଟମ୍ ଡ୍ୟାନ୍ସରଙ୍କୁ ପଇସା ଦେଇ ନଚାଏ। ସେପଟେ ପରିଚାଳନା କମିଟି କର୍ମକର୍ତ୍ତା ସଫେଇ ଦେଉଛନ୍ତି- ଆଇଟମ୍ ଡ୍ୟାନ୍ସର୍ ନାଚିଲେ, ଟିକେଟ୍ ମୂଲ୍ୟ ଦୁଇ ତିନି ଗଣ ବଢ଼ୁଛି। କ୍ଷତି ଭରଣା ପାଇଁ ଏହା ସହଜ ବାଟ। ଅପରପକ୍ଷରେ ଯାତ୍ରା ପାର୍ଟିର ମୁଖ୍ୟ ନାୟିକା ଅଭିଯୋଗ କରୁଛନ୍ତି- ଆମେ ମାସ ଯାକ ରାତି ଅନିଦ୍ରା ହୋଇ ଯେତିକି ପାରିଶ୍ରମିକ ପାଉଛୁ, ଆଇଟମ୍ ଡ୍ୟାନ୍ସର ଘଣ୍ଟାଏ ନାଚି, ତା'ଠୁ ଅଧିକ କମାଉଛନ୍ତି। ଫୁଙ୍ଗୁଲା ନାଚ ଯୋଗୁ ଯାତ୍ରା ଅନଷ୍ଠାନକୁ ବଦନାମ ସହିବାକୁ ପଡୁଛି।

ଖଣ୍ଡଗିରି ଯାତ୍ରା ମଞ୍ଚରେ ରାନୀ ପଣ୍ଡା, ନିଶା ମହାରଣା ଓ ସାହୁ ଭାଉଜଙ୍କୁ ବାରଣ କରାଯାଇଥିବାରୁ ଆମେ ସେମାନଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲୁ। ସେମାନଙ୍କ ମଧ୍ୟରୁ ଜଣେ କହିଲେ- ଆମକୁ ଜାଣିଶୁଣି ଟାର୍ଗେଟ୍ କରାଯାଉଛି। ଆମେ ଯେ ସଭ୍ୟ, ଶିକ୍ଷିତ, ନୃତ୍ୟ ନିପୁଣା, ତାହା ମାନିବାକୁ ଅନେକ ନାରାଜ। ଆମେ ସମ୍ବଲପୁରୀ ଓ ଓଡ଼ିଶୀ ଛନ୍ଦରେ ଭଲଭାବେ ନାଚି ପାରିବୁ। ମାତ୍ର କେତେକ ପରିଚାଳନା କମିଟି ପକ୍ଷରୁ ଆମକୁ ଲେହଙ୍ଗା, ଟପ୍ ପିନ୍ଧି ନାଚିବାକୁ ଅନୁରୋଧ କରାଯାଏ। ଆମେ ନିଜ ଇଚ୍ଛାରେ ନୁହେଁ, ସେମାନଙ୍କ ବରାଦ ଅନୁଯାୟୀ ନାଚୁ। ମାତ୍ର ବଦନାମ କେବଳ ଆମ ମୁଣ୍ଡରେ ବୋଳାଯାଏ। ଆମେ ଚାହୁଁ- କଟକଣା ଗୁଡ଼ିକ ସାରା ଓଡ଼ିଶାର ସବୁ ମଞ୍ଚ ପ୍ରତି ଲାଗୁ ହେଉ। କେବଳ ଖଣ୍ଡଗିରି ଯାତ୍ରା ପେଣ୍ଡାଲକୁ ମୋହରା କରା ନଯାଉ।

ଆମେ ଗୋଟାଏ କଥା ଲକ୍ଷ୍ୟ କରୁଛୁ, ଅପେରାକୁ କେନ୍ଦ୍ରକରି ରାଜନୈତିକ ଦଳ ପକ୍ଷରୁ ପାଲା ଆରମ୍ଭ ହୋଇଗଲାଣି। ଏକାମ୍ର ବିଧାୟକ ବାବୁ ସିଂହ ଓ ଜଟଣୀର ପୂର୍ବତନ ବିଧାୟକ ସୁର ରାଉତରାୟ ନିଜର ଚେଲା ଚାମୁଣ୍ଡାଙ୍କୁ ଧରି ଠେଙ୍ଗା ପୂଜା କଲେ। ସେମାନେ ଘୋଷଣା କଲେ- ଯିଏ ଯାତ୍ରାରେ ଫୁଙ୍ଗୁଳା ନାଚ ନାଚିବ, ତାଙ୍କ ପିଠିରେ ଠେଙ୍ଗା ବସିବ। ହେଉ, ସେଥିରେ ଆମେ ରାଜି। ମାତ୍ର ଯେଉଁ ଯୁବକଗଣ ଡ୍ୟାନ୍ସରଙ୍କ ସହିତ ସେଲ୍‌ଫି ନେବା ପାଇଁ ଧସ୍ତାଧସ୍ତି, ସେମାନଙ୍କୁ ଠେଙ୍ଗା ଦିଆଯିବ ନା ଫୁଲତୋଡ଼ା? ନାଟକରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବଜାୟ ରଖିବାକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାତ୍ରା କଳାକାରଙ୍କୁ ବିନମ୍ର ନିବେଦନ କରିଛନ୍ତି। ସ୍ୱନାମଧନ୍ୟ ସିନେ ତାରକା ତଥା ଯାତ୍ରା ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତିଙ୍କ ମତରେ- ଯାତ୍ରା ପାର୍ଟି କଳାକାରଙ୍କ ପରିବାର ସଦୃଶ୍ୟ। ଏଠାରେ ସମସ୍ତଙ୍କର ଭୂମିକା ସମାନ। କେହି କାହା ଉପରକୁ କାଦୁଅ ଫିଙ୍ଗିବା ଦରକାର ନାହିଁ। ଅଶ୍ଳୀଳତା ବଦଳରେ ଅଭିନୟକୁ ଅଧିକ ଚିତ୍ତାକର୍ଷକ କରାଯାଉ। ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଆମେ ବି ଏକମତ। ଦେଖାଯାଉ, ଆଗକୁ କଣ ହେଉଛି। ଜୟ ଜଗନ୍ନାଥ।

ଓରାଳି, କେନ୍ଦୁଝର

ମୋ: ୯୯୩୭୭୯୧୨୪୪

## ଅବୈଧ ଦେଶାନ୍ତର ଗମନ

### ବିଷ୍ଣୁ ପ୍ରସାଦ ଦାସ



ସମ୍ପ୍ରତି ଆମେ ଖବର କାଗଜ ତଥା ଟିଭି ସମ୍ବାଦ ମଧ୍ୟମରୁ ଖବର ପାଉଛୁ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାରେ ବେଆଇନ୍ ପ୍ରବାସୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଅପରାଧୀ ସଦୃଶ ଗୋଡ଼ ହାତ ବାନ୍ଧି ନିଜ ନିଜ ଦେଶକୁ ପଠାଇ ଦେଉଛନ୍ତି ଏହି ପ୍ରକ୍ରିୟା ଆଗକୁ ମଧ ଚାଲିବ ବୋଲି ଟ୍ରମ୍ପ ପ୍ରଶାସନ କହିଛି। ଏହା କିଛି ନୂଆ କଥା ନୁହେଁ ତେବେ ନୂଆ କଥା ହେଲା ଏଥରକ ଟ୍ରମ୍ପ ପ୍ରଶାସନ ହାତ ଗୋଡ଼ ବାନ୍ଧି ଆମେରିକୀୟ ବାୟୁସେନା ବିମାନରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଭାରତୀୟ ମାନଙ୍କୁ ଆଣି ଭାରତ ସରକାରଙ୍କ ଜିମା ଦେଇଗଲେ। ପରିସଂଖ୍ୟନରୁ ଜଣାପଡେ ଯେ, ୨୦୦୯ ମସିହାରୁ ଆଜି ପର୍ଯ୍ୟନ୍ତ ୧୫,୭୫୬ ଜଣଙ୍କୁ ଆମେରିକାରୁ ଭାରତ କୁ ପଠାଇ ଦିଆ ଯାଇଅଛି, ୨୦୦୯ - ୭୩୪, ୨୦୧୦-୭୯୯,୨୦୧୧-୫୯୭,୨୦୧୨-୫୩୦,୨୦୧୩-୫୧୫, ୨୦୧୪-୫୯୧ ,୨୦୧୫-୭୦୮,୨୦୧୬-୧୩୦୩,୨୦୧୭-୨୦୧୪ , ୨୦୧୮ - ୧୦୮୦,୨୦୧୯-୨୦୪୨, ୨୦୨୦-୧୮୮୯, ୨୦୨୧-୮୦୫,୨୦୨୨- ୮୬୨, ୨୦୨୩-୬୧୭, ୨୦୨୪-୧୩୬୮ ଜଣ + ୨୦୨୫ ମସିହା ଫେବୃଆରୀ ମାସ ପର୍ଯ୍ୟନ୍ତ ଆସିଥିବା ଭାରତୀୟ ମାନଙ୍କ ହିସାବ ଯୋଡ଼ିଲେ ଆମ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ସଂସଦରେ ରଖିଥିବା ସଂଖ୍ୟା ୧୫,୭୫୬ ସହିତ ସମାନ ହୋଇଯିବ। ତେବେ ଏହି ସବୁ ଭାରତୀୟ ନାଗରିକ ମାନେ କାହିଁକି ଅନୈତିକ ବା ବେଆଇନ ଭାବେ ଦେଶ ବାହାରକୁ ଯାଉଛନ୍ତି ? ସେମାନଙ୍କୁ ଏହି ଦେଶାନ୍ତର ପ୍ରକ୍ରିୟାରେ କିଏ କିଏ ସହାୟତା କରୁଛନ୍ତି ସେହି ବିଷୟରେ ସମ୍ୟକ୍ ଜ୍ଞାନ ରୁ କିଛି ଆଲୋଚନା କରିବା।

ଦେଶ ଭିତରେ ନିଜ ଯୋଗ୍ୟତାକୁ ନେଇ ଯଦି କିଛି ଉପଯୁକ୍ତ ବା ସନ୍ତୋଷଜନକ ଆୟର ପନ୍ଥା ନଥାଏ, ଦେଶର ଆର୍ଥିକ ଅବସ୍ଥା ନିମ୍ନଗାମୀ ହୋଇଥାଏ, ଯୁଦ୍ଧର ଭୟ ଥାଏ, ବେକାରୀ ସମସ୍ୟା ବଢ଼ି ଯାଇ ଥାଏ, ସରକାରଙ୍କ ଉଦାସୀନତା ଯୋଗୁଁ ପରିବାର ପ୍ରତିପୋଷଣ କରିବାରେ ବାଧା ଆସୁଥାଏ, ଏବଂ ଏହି ସବୁ ସୁବିଧା ଯଦି ସହଜରେ ବିଦେଶ ମାଟିରେ ଉପଲବ୍ଧ ହେଉଥାଏ ତେବେ ଆଶାୟୀ ନିଶ୍ଚିତ ଭାବେ ଅଧିକ ଆୟର ଆଶାରେ ଦେଶାନ୍ତର ଗମନ କରିବାକୁ ଶ୍ରେୟ ମଣିଥାଏ। ତେବେ ଭାରତ ବର୍ଷରେ କିଛି ମାତ୍ରାରେ ବେକାରୀ ସମସ୍ୟାକୁ ଛାଡି ଦେଲେ ଅନ୍ୟ କୌଣସି ସମସ୍ୟା ଥିବା ପରି ମନେ ହୁଏନାହିଁ। ଏତେ ସଂଖ୍ୟକ ଭାରତୀୟ ବେଆଇନ୍ ଭାବେ କାହିଁକି ବିଦେଶକୁ ଚାଲି ଯାଉଛନ୍ତି? ଏହା କ'ଣ ଆମ ସରକାରଙ୍କ ପାଇଁ ଏକ ଚିନ୍ତାର ବିଷୟ ନୁହେଁ କି?? ଦେଶାନ୍ତର ଗମନ କରି ଆୟ ବୃଦ୍ଧି କରିବା ଏକ ଅପରାଧ ନୁହେଁ, ତେବେ ଯଦି ଏହା ନିୟମ କାନୁନ୍ ଅନୁସାରେ ହୋଇ ଥିବ ତଥା ବିଦେଶ ଯିବା ନିମନ୍ତେ ସେମାନଙ୍କ ନିକଟରେ ବୈଧ ପାସ୍ପୋର୍ଟ ଥିବ ଏବଂ ଯେଉଁ ଦେଶକୁ ଯିବେ ସେହି ଦେଶର ବୈଧ ଭିସା ମଧ ଥିବା ଦରକାର ତାହା ସହିତ ଯେଉଁଠାରେ କାର୍ଯ୍ୟ କରିବେ ସେହି ସଂସ୍ଥାର ଅନୁମତି/ନିଯୁକ୍ତି ପତ୍ର ଥିବା ଦରକାର କିନ୍ତୁ ଯେଉଁମାନେ ଏହି ନିୟମ ଗୁଡିକୁ ବେଖାତିର୍ କରି କଳେ ବଳେ କୌଶଳେ ନିଜର ସର୍ବସ୍ୱ ବିକ୍ରିବଟା କରି ବନ୍ଧକ ଦେଇ ଦଲାଲ ମାନଙ୍କ ସହାୟତାରେ ଦେଶ ଛାଡ଼ି ରୋଜଗାର ଆଶାରେ ବିଦେଶ ଯାଇଥାନ୍ତି ସେମାନଙ୍କ କପାଳରେ ଏହିପରି ଅପରାଧ ପାଇଁ ଜେଲ ଦଣ୍ଡ ବା ଗଳା ଧକ୍କା ଖାଇ ପୁନଶ୍ଚ ସ୍ୱଦେଶକୁ ଫେରିବାର ନଜିର ଦେଖିବାକୁ ମିଳେ। ଏହି ପ୍ରକ୍ରିୟାରେ ଯାଉଥିବା ବ୍ୟକ୍ତି ମାନଙ୍କ ଦେଶାନ୍ତର ଯାତ୍ରାକୁ 'ଡଙ୍କି ଫ୍ଲାଇଟ୍' କୁହାଯାଏ, ଗଧ ପିଠିରେ ଯାତ୍ରା ସଦୃଶ ଏମାନଙ୍କ ଯାତ୍ରା ଖୁ କଷ୍ଟ ଦାୟକ ତଥା ଲକ୍ଷ ସ୍ଥଳରେ ପହଞ୍ଚିବା ମଧ ଅନେକଙ୍କର ପକ୍ଷରେ ସମ୍ଭବ ହୋଇ ନ ଥାଏ। ଦଲାଲ ମାନେ ଅନେକ ଗଳାବାଟ ଦେଇ ଏପରି ଲୋକଙ୍କୁ ବିଦେଶ ନେଇ ଥା'ନ୍ତି ଯେଉଁମାନେ ଏହିଭଳି ବେଆଇନ୍ ମାନବ ଚାଲାଣ କରନ୍ତି ସେହି ଏଜେଣ୍ଟ ମାନଙ୍କୁ ଡଙ୍କରସ୍ କୁହାଯାଏ , ଲୋକଙ୍କୁ ଉଚ୍ଚ ବେତନ ତଥା ରାଜକୀୟ ଜୀବନ ଯାପନର ଦିବା ସ୍ୱପ୍ନ ଦେଖାଇ ତାଙ୍କର ସର୍ବସ୍ୱ ଲୁଟି ନେଇ ସେମାନଙ୍କୁ ଏପରି ଏକ ସ୍ଥାନରେ ଛାଡ଼ି ଦିଅନ୍ତି ଯେ ଯେଉଁଠାରୁ କି ସମୟ ସମୟରେ ଜୀବନ ନେଇ ଫେରିବା ମଧ ସମ୍ଭବ ହୋଇ ନଥାଏ। ଭାରତବର୍ଷର ଦୁଇଗୋଟି ରାଜ୍ୟର ଲୋକମାନେ ସର୍ବାଧିକ ବେଆଇନ ଭାବେ ବିଦେଶରେ ବସବାସ କରିବାର ଦିବା ସ୍ୱପ୍ନର ଶିକାର ହୋଇଥା'ନ୍ତି ସେହି ରାଜ୍ୟ ଦୁଇଟି ହେଲା ପଞ୍ଜାବ ଏବଂ ଗୁଜୁରାଟ। ବର୍ତ୍ତମାନ ହରିୟାଣା ପ୍ରଦେଶ ସହିତ ଅନ୍ୟ ରାଜ୍ୟର କିଛି କିଛି ବ୍ୟକ୍ତି ଏହି ବେଆଇନ୍ ଦେଶାନ୍ତର ପ୍ରଥାକୁ ଆପଣେଇ ନେଉଛନ୍ତି, ମନେହୁଏ ସରକାରଙ୍କ ଉଦାସୀନତା ତଥା ବେକାରୀ ସମସ୍ୟା ଏହାର ମୂଳ କାରଣ। ଯେଉଁ ଏଜେଣ୍ଟ ମାନେ ଏପରି ଆଇନ୍ ବିରୋଧୀ କାର୍ଯ୍ୟରେ ଲିପ୍ତ ସେମାନଙ୍କୁ ଧରି କଠୋର ଦଣ୍ଡର ବ୍ୟବସ୍ଥା ଯଦି ହୋଇ ପାରନ୍ତା ତେବେ ଏହି କୁତ୍ସିତ ପ୍ରକ୍ରିୟାକୁ କିଛି ମାତ୍ରାରେ କମ୍ କରିବା ସମ୍ଭବ ହୋଇ ପାରନ୍ତା। ଇଣ୍ଟରପୋଲ୍ ମଧ ଏହି ଦଲାଲ ମାନଙ୍କୁ ଧରିବାକୁ ଚେଷ୍ଟିତ ତେବେ ସେମାନଙ୍କୁ କିଛି ଦେଶ ସହଯୋଗ କରୁ ନଥିବା ବିଷୟ ଜଣାପଡୁଛି।

> ଭାରତରେ ଏଜେଣ୍ଟ ମାନେ ପ୍ରତି ବ୍ୟକ୍ତି ଠାରୁ ୨୫ ରୁ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ନିମନ୍ତେ ନେଇଥାନ୍ତି ଏବଂ ସେମାନଙ୍କ ପାଇଁ ଜାଲି ପାସ୍ପୋର୍ଟ ତଥା ଅନ୍ୟ କାଗଜ ପତ୍ର କରିଦେଇ ସେମାନଙ୍କର ଇପ୍ସିତ ଦେଶର ସୀମା ପର୍ଯ୍ୟନ୍ତ ନେଇ ଛାଡ଼ି ଦିଅନ୍ତି ,ପରବର୍ତ୍ତୀ କାର୍ଯ୍ୟ ନିଜକୁ କରିବାକୁ ପଡିଥାଏ, କେଉଁଠି ମାଇଲ ମାଇଲ ବାଟ ଚାଲିବାକୁ ହୁଏ ତ କେଉଁଠି ସମୁଦ୍ର ମଧ ଦେଇ ଛୋଟ ଛୋଟ ଡଙ୍ଗାରେ ଯାତ୍ରା କରିବାକୁ ହୁଏ ତ କେଉଁଠାରେ ଆବଦ୍ଧ କଣ୍ଟେନର୍ ମଧ୍ୟରେ ଦିନ ଦିନ ଯାତ୍ରା ଜନିତ ଉପବାସ ରହିବାକୁ ପଡେ ତ ସମୟ ସମୟରେ ସୀମା ସୁରକ୍ଷା ପୋଲିସ ଗୁଳିରେ ନିଜର ବହୁମୂଲ୍ୟ ଜୀବନ ହାରିବାକୁ ପଡେ ତ କେତେବେଳେ ଜଙ୍ଗଲରେ ହିଂସ୍ର ପ୍ରାଣୀଙ୍କ ଶିକାର ହେବାକୁ ପଡେ।

ଭାରତରେ ଏଜେଣ୍ଟ ମାନେ ପ୍ରତି ବ୍ୟକ୍ତି ଠାରୁ ୨୫ ରୁ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ନିମନ୍ତେ ନେଇଥାନ୍ତି ଏବଂ ସେମାନଙ୍କ ପାଇଁ ଜାଲି ପାସ୍ପୋର୍ଟ ତଥା ଅନ୍ୟ କାଗଜ ପତ୍ର କରିଦେଇ ସେମାନଙ୍କର ଇପ୍ସିତ ଦେଶର ସୀମା ପର୍ଯ୍ୟନ୍ତ ନେଇ ଛାଡ଼ି ଦିଅନ୍ତି, ପରବର୍ତ୍ତୀ କାର୍ଯ୍ୟ ନିଜକୁ କରିବାକୁ ପଡିଥାଏ, କେଉଁଠି ମାଇଲ ମାଇଲ ବାଟ ଚାଲିବାକୁ ହୁଏ ତ କେଉଁଠି ସମୁଦ୍ର ମଧ ଦେଇ ଛୋଟ ଛୋଟ ଡଙ୍ଗାରେ ଯାତ୍ରା କରିବାକୁ ହୁଏ ତ କେଉଁଠାରେ ଆବଦ୍ଧ କଣ୍ଟେନର୍ ମଧ୍ୟରେ ଦିନ ଦିନ ଯାତ୍ରା ଜନିତ ଉପବାସ ରହିବାକୁ ପଡେ ତ ସମୟ ସମୟରେ ସୀମା ସୁରକ୍ଷା ପୋଲିସ ଗୁଳିରେ ନିଜର ବହୁମୂଲ୍ୟ ଜୀବନ ହାରିବାକୁ ପଡେ ତ କେତେବେଳେ ଜଙ୍ଗଲରେ ହିଂସ୍ର ପ୍ରାଣୀଙ୍କ ଶିକାର ହେବାକୁ ପଡେ। ଆଉ ଯେଉଁମାନେ ବଞ୍ଚି ରହି ନିଜ ଲକ୍ଷ ସ୍ଥଳରେ ପହଞ୍ଚି ଯାଇ ଥା'ନ୍ତି ସେମାନଙ୍କର ଆଶା ସେଠାରେ ହିଁ ମଉଳି ଯାଇଥାଏ କାରଣ ସେମାନେ ସଦା ସର୍ବଦା ଧରା ପଡିଯିବା ଭୟରେ ନିଜକୁ ପ୍ରଶାସନ ଠାରୁ ଲୁଚାଇ ରଖନ୍ତି, ସେଠାରେ ସେମାନଙ୍କୁ ଉପଯୁକ୍ତ ଚାକିରୀ ମିଳି ନଥାଏ, ଯେନ ତେନ ଉପାୟରେ ଖୁ ସ୍ୱଳ୍ପ ଆୟ କରନ୍ତି ଯାହାକି ନିଜେ ଚଳିବା ମଧ କଷ୍ଟକର ହୋଇଯାଏ, ତାଙ୍କର ସବୁ ରଙ୍ଗୀନ ସ୍ୱପ୍ନ ବିଦେଶରେ ହଜିଯାଏ ଏବଂ ନିଜେ ନେଇଥିବା ଭୂଲ ନିଷ୍ପତ୍ତି, ଅନୁତାପର ଲୁହକୁ ଖୁବ୍ କଷ୍ଟରେ ପିଇ ଯାଇ ଥା'ନ୍ତି, ଆଉ ଯେତେବେଳେ ସରକାରଙ୍କ ଦ୍ୱାରା ଧରାପଡ଼ି ଡ଼ିପୋର୍ଟ ବା ସେହି ଦେଶରୁ ବିତାଡିତ ହୁଅନ୍ତି ସେତେବେଳେ ତାଙ୍କ ଦେଶରେ ତାଙ୍କର କିଛି ନଥାଏ ନିଃଶ୍ୱ ଅବସ୍ଥା ହୋଇଥାଏ। ସରକାର ଯଦି ଗଣ ମାଧ୍ୟମ ଦ୍ୱାରା ଲୋକମାନଙ୍କୁ କିଛି ସକାରାତ୍ମକ ସନ୍ଦେଶ ଦେଇ ପାରନ୍ତେ, କିଛି ନୂତନ ରୋଜଗାର ସୃଷ୍ଟି କରି ପାରନ୍ତେ, ଜାଲି ଦସ୍ତାବିଜ କରୁଥିବା ଦଲାଲ ମାନଙ୍କୁ ଦଣ୍ଡ ଦେଇ ପାରନ୍ତେ ତେବେ ଏପରି ମାନବ ଚାଲାଣ ନିଶ୍ଚିତ ଭାବେ କମି ଯାଆନ୍ତା ଏଥିରେ କୌଣସି ସନ୍ଦେହ ନାହିଁ। ଶ୍ରମ ବିଭାଗ, ବୈଦେଶିକ ବିଭାଗ, ରାଜ୍ୟ ପୋଲିସ ତଥା ଜନସାଧାରଣଙ୍କ ସହଯୋଗ ବିନା ଏପରି ନିନ୍ଦନୀୟ ଘୃଣ୍ୟ କାର୍ଯ୍ୟ ର ସମାପ୍ତି ହେବ ନାହିଁ ବୋଲି ଲେଖକଙ୍କ ନିଜସ୍ୱ ମତ।

ଜୟ ହିନ୍ଦ୍।

ସମ୍ମାନ ସହ,
ବରିଷ୍ଠ ନାଗରିକ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭




## ଅଗିରା ପୁନେଇଁ....

### ରାମଚନ୍ଦ୍ର ବେହେରା

ଆଜି ପରା ପୂଣ୍ୟ ଅଗିରା ପୁନେଇଁ
ପାଳିବେ ରାଇଜେ ସର୍ବ
କୃଷିଭିତ୍ତିକ ଏ ମହାନ ପରବ
ଆମ ଉତ୍କଳର ଗର୍ବ।
ସଂଜ ନଇଁଗଲେ ପ୍ରତି ଗାଆଁ ମୁଣ୍ଡେ
ଗ୍ରାମବାସୀ ହେବେ ମେଳ
ଛଣ କୁଟା କାଠି ଫଳ ମୂଳ ଆଦି
ସରାଗେ କରିବେ ଠୁଳ।
ଗିନି ମୁରୁଦଂଗ ଘଣ୍ଟ ଶବଦରେ
ଅଗ୍ନିପୂଜା ନୀତି ହେବ
ଶଂଖ ହୁଳହୁଳି ହରିବୋଲ ଧ୍ୱନି
ଭକ୍ତିର ପୁଲକ ଦେବ।
ବ୍ରାହ୍ମଣ ପୂଜିବେ ଅଗ୍ନି ଦେବତାଂକୁ
ହେବ ପୁଣି ଭୋଗଲାଗି
ତା'ପରେ ଜଳିବ ଗାଆଁ ମୁଣ୍ଡେ ଅଗି
ଭକତି ଉଠିବ ଜାଗି।
ଅଗି ଚଉପାଶେ ସଭିଏଁ ବୁଲିବେ
ଅଗ୍ନିଂକୁ ହୃଦେ ସୁମରି
ଫଳ ମୂଳ ପୋଡି ଶ୍ରଦ୍ଧାରେ ଖାଇବେ
ନହେବ ଚର୍ମ ବିମାରି।
ଜନମାନସରେ ଅଛି ଏ ବିଶ୍ୱାସ
ଯେଉଁ ଦିଗେ ଅଗି ଢଳେ
ସେଦିଗ କ୍ଷେତରେ ଚଷାପୁଅ ହିତେ
ସୁନାର ଫସଲ ଫଳେ।
ଅଗି ପାଉଁସକୁ ନିଜ ନିଜ କ୍ଷେତେ
ପକାନ୍ତି ଶ୍ରଦ୍ଧାରେ ଜନେ
ପରମ୍ପରା କୁହେ ଅଧିକ ଅମଳ
ମିଳଇ ପ୍ରଭୁଂକ ଦାନେ।
ଗାଆଁ ଚାଳଘର ଛପର ହୁଅଇ
ଅଗିରା ପୁନେଇଁ ଅନ୍ତେ
ଅଗ୍ନିଂକ କୃପାରୁ ବର୍ଷସାରା ରୁହେ
ବାସଗୃହ ନିରାପଦେ।
ଅଗିଜଳା ପର୍ବ ଆମରି ଗୌରବ
ଆସ ମନାଇବା ମିଳି
ଆମ ଗାଆଁ କ୍ଷେତ ଶସ୍ୟେ ଭରିଯାଉ
ପ୍ରଭୁଂକୁ କରିବା ଅଳି।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ବଂଶୀ ଗୀତ

### ଡ. ଶୁଭେନ୍ଦୁ ମେହେର



ହଠାତ୍ କେବେକେବେ
ପଥର ଦେହରେ କଦମ୍ବ ଫୁଟେ,
ଡହ ଡହ ତାତି ବି
ସୁରିଲା ସୁରିଲା ଲାଗେ
ସେ' ବଂଶୀ ଦେହରେ ସୁର
ଭରିଲେ।
ତା' ବଂଶୀରେ ସମ୍ମୋହନ ଥାଏ
ବଶୀକରଣ ଥାଏ
ଆଉ ଐଶ୍ୱରୀୟ କମ୍ପନ ବି !
ତା' ବଂଶୀ ବାଜିଲେ......
ପାଣି ପାଷାଣ ହୁଏ,
ଯମୁନା ଉଜାଣି ବହେ,
ଶୁଷ୍କ ତରୁ ପଲ୍ଲବୀ ଉଠେ,
ପବନ ଅଟକି ଯାଏ।
ପକ୍ଷୀମାନଙ୍କ ଡେଣା ଓଦା ହୁଏ,
ପଶୁମାନଙ୍କ ଆବେଗ ନୀରବି ଯାଏ !
ତା' ବଂଶୀର ରନ୍ଧ୍ରରେ
ବିଭୋର ପଣ ଥାଏ ବୋଲି
ହୃଦୟ ଓ ମନ ଲଟ୍‌କି ଯାଏ।
ସେଇଥିପାଇଁ ତ,
ସେ' କ୍ଷେତ୍ରସାରା ବ୍ରଜବାଳୀଙ୍କ
ଜୀବନ ସଙ୍ଗୀତ ଗାଏ।
ସେ' ଏବେ ସୁପ୍ତ ନୁହେଁ ଗୁମ୍ଫା ଭିତରେ,
ଗୋପରୁ ମଥୁରା,
ଯମୁନା ଠାରୁ ପୁତନା
ବେଦକନ୍ୟା ଠାରୁ ଦେବକନ୍ୟା ଯାଏ
ସବୁଠି ସେ' ବିଚରଣ କରେ।
ପାଦରେ ହଳେ କଠଉ
ବେକରେ ବାଘନଖି ମାଳି,
ହାତରେ ନଅ ପଗିଆ ବାଉଁଶ ବାଡ଼ି
ମୁଣ୍ଡେ ତା'ର ମୟୁର ଚୂଳି।
ସେ' ନିଇତି ଗାଇ ଫିଟାଏ
ଗୋପାଳି ଗାଁ ରୁ !
ସାତ୍‌ବହନି ପୀଠରେ ବଇଁଶୀ ଫୁଙ୍କେ
ଚରାଏ ପାବ୍‌ଲି ସାରା
ଥକ୍କା ମାରେ ମେଘନାଦ ଗାଁରେ,
ଗାଈ ମାନଙ୍କୁ ପାଣି ପିଆଏ
ଗୋଘାଟ ପୋଖରୀ ତୁଠରେ।
ତୁମେ ଶୁଣିନ କି !
ଶୁଣିବ ଯଦି.....
ତୁମ ନିତ୍ୟ ଚେତନାର ପ୍ରେମରେ
ଆତ୍ମା ଦେଇ
ରାସେଶ୍ୱରୀ ରାଧା ସାଜି
କୁଞ୍ଜ ସାରା ଖୋଜ,
ନଚେତ୍ କୃଷ୍ଣା ଭଳି
ନିଷ୍କଳଙ୍କ ସଫେଦ୍ ମନନେଇ ନିଜକୁ
ସଅଁପି ଦିଅ
ଅବଶ୍ୟ ପାଇବ ସେ' ପଦରଜ ।।

ଯାଲୋଏ, ସୁବର୍ଣ୍ଣପୁର
ମୋ: ୯୯୩୮୪୩୩୬୬୪



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୫୩



ଡ.ସିନ୍ଧୁ ସେନ୍

## ॥ ଚବିଶ ॥

ଏହା ମଧ୍ୟରେ ଅନେକ ଦିନ ବିତିଯାଇଚି । କେତେ ଋତୁ ଆସିଛି, ପୁଣି ଯାଇଛି । ମାତାମହ ମଧ୍ୟ ଆମକୁ ଛାଡ଼ି ଚାଲିଯାଇଛନ୍ତି । ମୋ ଠାରୁ ସେ ଯାହା ଆଶା କରିଥିଲେ ତାହା ଠାରୁ ଯଥେଷ୍ଟ ଅଧିକ ମୁଁ ପାଇଛି । ମୋର ବୀରପୁତ୍ର ମେଘନାଦ ମଧ୍ୟ ଏ ଦିଗରେ ମୋ ସହ ହାତ ମିଳାଇଛି । ଲଙ୍କାର ସୀମା ଏବେ ବେଶ୍ ବଢ଼ିଯାଇଛି । ମୋର ବିଶ୍ୱବିଜୟୀ ହେବାହର କଳ୍ପନା ଅନେକ ମାତ୍ରାରେ ସାକାର ହୋଇପାରିଛି ।

ସେଦିନ ଥିଲା ପୂର୍ଣ୍ଣମୀ ରଜନୀ । ରାଣୀ ମନ୍ଦୋଦରୀ ସହ ରାଜପ୍ରାସାଦର ଛାତରେ ବସିଥିଲି । ଦୁହେଁ ଉପଭୋଗ କରୁଥିଲୁ ପୂର୍ଣ୍ଣମୀ ଜ୍ୟୋସ୍ନାର ଶୀତଳତାକୁ । ମନ୍ଦୋଦରୀ ଚନ୍ଦ୍ର ଆଡ଼କୁ ଇଂଗିତ କରି କହୁଥିଲେ, "ମହାରାଜ, ଏଇ ଦେଖନ୍ତୁ ପୂର୍ଣ୍ଣମୀର ଚନ୍ଦ୍ରକୁ । କେତେ ସୁନ୍ଦର, କମନୀୟ, ଲୋଭନୀୟ । ମାତ୍ର ତା ଦେହରେ ଠାଏଠାଏ କଳାଦାଗ । ଏହାହିଁ ତାର କଳଙ୍କ । ଆପଣଙ୍କ ଅବସ୍ଥା ମଧ୍ୟ ଠିକ୍ ସେମିତି । ଲଙ୍କାର ଆକାଶରେ ଚନ୍ଦ୍ରମା ପରି ଝଟକୁଛନ୍ତି ସତ, ମାତ୍ର ଆପଣଙ୍କ ଭିତରେ ଅପର୍ଯ୍ୟାପ୍ତ କଳଙ୍କ । ଭାବିପାରୁନି, ଏତେ ପ୍ରାପ୍ତି ପରେ ବି ଆପଣଙ୍କ ମନରେ ଏତେ ଲୋଭ, ଆସକ୍ତି କାହିଁକି ?

ଠିକ୍ କହିଛି ମନ୍ଦୋଦରୀ । ତାହାହିଁ ତ ମୋର ସବୁ କାରଣର କାରଣ । ତୁମେ ମୋର ଅର୍ଦ୍ଧାଙ୍ଗିନୀ ହୋଇପାର । ହେଲେ ସାରାଜୀବନ ବିତିଗଲେ ମଧ୍ୟ ମୋତେ ଚିହ୍ନି ପାରିବନି । ତୁମ ସ୍ୱାମୀଙ୍କର ଯେ ବିଶ୍ୱବିଜୟୀ ହେବାର ଆଶା, ସ୍ୱପ୍ନ ରହିଛି । ତୁମେ କିନ୍ତୁ ମୋର ବିଜୟରେ ଖୁସି ହୋଇପାରୁନ । ମୋତେ ବୁଝାଇ, ଉପଦେଶ ଦେଇ ମୋ ଚରିତ୍ର ସଂଶୋଧନ କରିବା ତୁମର ଏକ ଚିରାଚରିତ ଅଭ୍ୟାସ । କିନ୍ତୁ କେବେ ଥରେ ମୋ ମନସ୍ତତ୍ତ୍ୱକୁ ବୁଝିବାକୁ ଚେଷ୍ଟା କରିଛ । ଜାଣେ, ତୁମେ ପାରିବନି । ମୋତେ ତେଣୁ ମୋ ରାସ୍ତାରେ ଛାଡ଼ିଦିଅ । ମୋ କାର୍ଯ୍ୟକଳାପରେ ବାଧା ନଦେଇ ବରଂ ସହଯୋଗ କର ।

ମନ୍ଦୋଦରୀ ମୋର ଶୁଭାକାଂକ୍ଷୀ । ଜୀବନରେ ମୁଁ ଅନେକଙ୍କ ସଂସ୍ପର୍ଶରେ ଆସିଥିଲି । ହେଲେ ମନ୍ଦୋଦରୀ ଅନ୍ୟମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ । ସେ କେବଳ କାମନା, ବାସନାର ଏକ ବିଗ୍ରହ ନଥିଲା ବରଂ ଜ୍ଞାନରେ, ଗୁଣରେ ମୋ ଠାରୁ କିଛି କମ୍ ନଥିଲା । ଆମ ଦୁଇଜଣଙ୍କ ଲକ୍ଷ୍ୟ କିନ୍ତୁ ଭିନ୍ନ ଥିଲା । ଚିନ୍ତାଧାରା ତେଣୁ ଭିନ୍ନ ହେବା ସ୍ୱାଭାବିକ । ମୋଟାମୋଟି ମନ୍ଦୋଦରୀଙ୍କ ସହ ଅନେକ ଆଶା ନିରାଶା, ସୁଖ ଦୁଃଖ, କଳ୍ପନା ସ୍ୱପ୍ନ ମଧ୍ୟରେ ମୋର ସମୟ ବିତିଯାଇଛି । ମୁଁ କିନ୍ତୁ ମୋ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇନି ।

ବିଶ୍ୱବିଜୟୀର ଜୟଯାତ୍ରାରେ ଅନେକ ସଫଳତା ପାଇଛି । ଦେବ, ଦାନବ, ଗନ୍ଧର୍ବ, ଯକ୍ଷ ଆଦି ସମସ୍ତେ ପାଇଁ ଇନ୍ଦ୍ରଭୂବନ ଏବେ ମୋ ଆୟତ୍ତରେ । ଯାହା ମୁଁ କେବେ ସ୍ୱପ୍ନ ମଧ୍ୟରେ ଭାବିପାରି ନଥିଲି । ତାହା ମେଘନାଦ ପୂରଣ କରିଦେଇଛି । ସ୍ୱର୍ଗପୁରୀ ବାସ୍ତବରେ ମାୟାପୁରୀ । ଦେବତାମାନଙ୍କ ରାଜ୍ୟ କେତେ ସୁନ୍ଦର, କମନୀୟ, ଲୋଭନୀୟ । ଯେଉଁଠି ପାରିଜାତ ଫୁଟେ । ସେ ଇନ୍ଦ୍ରପୁରୀରେ କେବଳ ଦେବତାମାନେ ହିଁ ଶୋଭାପାଆନ୍ତି । ଆମପରି ରାକ୍ଷସ ନୁହେଁ । ହେଲେ ଆମ ରାକ୍ଷସକୁଳ ଯେ ଦିନେ ଇନ୍ଦ୍ରପୁରୀ ମଧ୍ୟ ନିଜ ଅଧୀନକୁ ନେଇନେବେ ତାହା କେହି କେବେ କଳ୍ପନା ସୁଦ୍ଧା କରି ନଥିଲେ । ବ୍ରହ୍ମଦେବଙ୍କୁ ତପସ୍ୟା କରି ମୁଁ ଶକ୍ତିଶାଳୀ । କିନ୍ତୁ ମୁଁ କ'ଣ କଲି । ବିଜୟ ହାସଲ ପରେ ମୁଁ ଯେ ଦେବରାଜ୍ୟ ପ୍ରତି ଘୋର ଅନ୍ୟାୟ କରିଚି । ସେକଥା ବେଶ୍ ଭଲଭାବେ ଜାଣିଥିଲି । ମୋର କିନ୍ତୁ ଲକ୍ଷ୍ୟ ଥିଲା ଭିନ୍ନ । ମୋର ଏ ବିଜୟ ଦେବତା ମାନଙ୍କୁ କେବଳ ଜଣାଇଦେବାର ଥିଲା ଯେ, ଘୃଣାଚକ୍ଷୁରେ ଦେଖୁଥିବା ରାକ୍ଷସଜାତି ମଧ୍ୟ କ'ଣ ନ କରିପାରେ । ପୁତ୍ର ମେଘନାଦ ମୋର ବହୁ କଷ୍ଟସ୍ୱୀକାର କରି ଇନ୍ଦ୍ରରାଜ୍ୟ ଉପରେ ବିଜୟର ପତାକା ଉଡ଼ାଇଛନ୍ତି । ତେଣୁ ସ୍ନେହରେ ମୁଁ ତାର ନାମ ଦେଇଥିଲି ଇନ୍ଦ୍ରଜିତ । ସେଇ ଇନ୍ଦ୍ରଜିତ ନାମରେ ସେ ଏବେ ରାକ୍ଷସ ସମାଜରେ ପରିଚିତ ।

ସେଦିନ ମୁଁ ରାଜପ୍ରାସାଦର ଉଦ୍ୟାନରେ ବସିଥାଏ । ଇନ୍ଦ୍ରଜିତ ପାଇ ମୋ ମନର ଆନନ୍ଦକୁ ନିଜ ଭିତରେ ଉପଭୋଗ କରୁଥିଲି । ଫୁଲଭରା ଉଦ୍ୟାନର କୌଣସି ଫୁଲ ମୋତେ ଆକୃଷ୍ଟ କରିପାରୁ ନଥିଲା । ମୁଁ ଯେ ଏବେ ଇନ୍ଦ୍ର ଉପବନର ଅଧିକାରୀ ହୋଇସାରିଛି । ମୋତେ ଯେମିତି ଲାଗୁଥିଲା ମୁଁ ସେଇ ସ୍ୱର୍ଗପୁରୀର ଉଦ୍ୟାନରେ ହିଁ ବସିଛି । ଆଃ କି ସୁନ୍ଦର । ସ୍ୱର୍ଗପୁରୀ ଆଉ ରାବଣ ଯାହା ଦିନେ ଅସମ୍ଭବ ଥିଲା । ମୋ ଚଉପଟେ ଫୁଲମୟ । ସତେଯେମିତି ମୁଁ ବସିଛି ଫୁଲର ସିଂହାସନରେ । ମୁଁ ସେଇ ଫୁଲଆଡ଼କୁ ଯେତେଯେତେ ଦୃଷ୍ଟି ଦେଉଥିଲି ମୋତେ ଲାଗୁଥିଲା ଫୁଲଗୁଡ଼ିକ ମୋତେ ଦେଖି ସତରେ କ'ଣ ହସୁଛନ୍ତି ନା ଉପହାସ କରୁଛନ୍ତି ମୋତେ ଯେମିତି ଲାଗୁଥିଲା ଅଦୂରରେ କିଏ ଜଣେ କହୁଛି କ୍ଷଣିକ ପାଇଁ ଉତ୍‌ଫୁଲ୍ଲିତ ହୋଯାଉଛୁ ସତ, ହେଲେ ସ୍ୱର୍ଗପୁରୀର ଉଦ୍ୟାନରେ ପ୍ରବେଶ କରିବାର ଯୋଗ୍ୟତା ତୋର ନାହିଁ ରାବଣ । ତୁ ଯାହା ଭାବୁଛୁ ଭୁଲ୍ ଭାବୁଛୁ । ହୋଇପାରେ କ୍ଷଣିକ ପାଇଁ ଏସବୁ ତୋର ହୋଇପାରେ ହେଲେ ସମୟ ଆସିବ ଏସବୁ ଆଉ ତୋର ହୋଇ ରହିବ ନାହିଁ । ତୁ ପାପୀ, ତୁ ଦୁରାଚାରୀ ରାବଣ । ଇନ୍ଦ୍ରପଦ ଆଶାୟୀ ହେବା ତୋ ପାଖରେ ଶୋଭାପାଏନା । ବରଂ ପାରୁଛୁ ଯଦି ନିଜକୁ ସୁଧାରିନେ । ଏବେ ବି ସମୟ ଅଛି । ପାପ ପଥରୁ ଦୂରେଇ ଯାଇ ପୁଣ୍ୟ ପଥକୁ ବାଛି ନେ । ନ ହେଲେ ପଛରେ ପସ୍ତେଇବାକୁ ପଡ଼ିବ । ନା ନା ମୁଁ କାହାରି ଉପଦେଶ, ପରାମର୍ଶ ମାନିବାକୁ ଚାହେଁନା । ମୋତେ ଆହୁରି ଅନେକ କିଛି କରିବାକୁ ପଡ଼ିବ । ଏବେବି ସମଗ୍ର ଆର୍ଯ୍ୟାବର୍ତ୍ତ ମୋ ଅଧୀନକୁ ଆସିନି । ଆର୍ଯ୍ୟାବର୍ତ୍ତକୁ ଆଣିବା ପାଇଁ ମୋତେ ପୁନର୍ବାର ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ଖବର ପାଇଥିଲି ଋଷି ବିଶ୍ୱାମିତ୍ରଙ୍କ ସହାୟତାରେ ପୁନର୍ବାର ଋଷି, ମୁନି ମାନଙ୍କର ଆଶ୍ରମ ଗଢ଼ି ଉଠିଲାଣି । ଆର୍ଯ୍ୟମାନଙ୍କ ପକ୍ଷରୁ ରାକ୍ଷସ ମାନଙ୍କ ବିରୋଧରେ ସଂଗ୍ରାମ ଚାଲିଛି । ଆର୍ଯ୍ୟ ସଂସ୍କୃତିକୁ ଉଦ୍‌ଜୀବିତ କରିବା ପାଇଁ ଅତ୍ରି, ଅଗସ୍ତ୍ୟ ଆଦି ଋଷିଗଣ ନେତୃତ୍ୱ ନେଲେଣି । ଗୁପ୍ତଚର ମାନଙ୍କ ଠାରୁ ଖବର ପାଇଥିଲି, ତାଡ଼କା ବନରୁ ରାକ୍ଷସ ସଂସ୍କୃତି ଲୁପ୍ତ ପ୍ରାୟ ହୋଇଗଲାଣି । ଆଉ ସେସବୁ କେବଳ ସମ୍ଭବ ହୋଇପାରିଛି, ମହର୍ଷି ବିଶ୍ୱାମିତ୍ରଙ୍କ ଆସିଥିବା ବେନିଭାଇ ରାମ ଓ ଲକ୍ଷ୍ମଣ । ସେହି କୋଶଳ କୁମାର ରାମ ବିଶ୍ୱାମିତ୍ରଙ୍କ ସହ ଦେବୀ ସୀତାଙ୍କ ସ୍ୱୟମ୍ବରରେ ଉପସ୍ଥିତ ରହି ଦେବୀ ସୀତାଙ୍କୁ ବିବାହ ମଧ୍ୟ କରିଛନ୍ତି । ରାମ ଯେ ପ୍ରଚଣ୍ଡ ଶକ୍ତିଶାଳୀ ଏହା ମୁଁ ବେଶ୍ ଉପଲବ୍ଧି କରି ପାରୁଥିଲି । ସେଇ ରାବଙ୍କ ବାଣ ପ୍ରହାରରେ ଆମ ରକ୍ଷ ସଂସ୍କୃତି ଧ୍ୱସ୍ତବିଧ୍ୱସ୍ତ । ଏତେ ସବୁ ଜାଣିସାରିଲା ପରେ ମୁଁ କ'ଣ କେବେ ଚୁପ୍ କରି ବସି ପାରିବି । ଚୁପ୍ ରହି ବସିରହିବା ଅର୍ଥ ଭୀରୁତା, ରାବଣ ପରି ଜଣେ ପ୍ରଚଣ୍ଡ ଶକ୍ତିଶାଳୀ ବୀର ପାଖରେ ଭୀରୁତା ଶୋଭାପାଏନା । ଜଣେ ବୀର ପାଇଁ ଯୁଦ୍ଧକ୍ଷେତ୍ର ହିଁ ତାର ସର୍ବୋତ୍ତମ କ୍ଷେତ୍ର । ଜୟ ପରାଜୟ ନିର୍ବିଶେଷରେ ଯୁଦ୍ଧ ହିଁ ତା ଜୀବନର ସର୍ବଶ୍ରେଷ୍ଠ ସାଧନା ଓ ସର୍ବଶେଷ ସିଦ୍ଧି । ମୁଁ ରାବଣ ଈର୍ଷା, ଅସୂୟା, କୂଟଚକ୍ରାନ୍ତ, ଷଡ଼ଯନ୍ତ୍ର ଉପରେ ପ୍ରତିଷ୍ଠା ହୋଇଥିଲା ମୋର ସାମ୍ରାଜ୍ୟ । ମୋର ଜନ୍ମ ଯେମିତି ମହାକାଳ ପୃଷ୍ଠାରେ ଏକ ରକ୍ତଲିପ୍ତ ଅଧ୍ୟାୟ । ତେଣୁ ଯୁଦ୍ଧ ପାଇଁ ଭୟ କରିବି କାହିଁକି ? ଏତକ ମଧ୍ୟ ଜାଣିଛି ଯୁଦ୍ଧର ବିକଳ୍ପ କେବଳ କ୍ଷୟ ଆଉ କ୍ଷୟ । ସୈନ୍ୟକ୍ଷୟ, ରକ୍ତକ୍ଷୟ ସର୍ବୋପରି ଆତ୍ମୀୟ ସ୍ୱଜନ କ୍ଷୟ । ସେ ଯାହା ବି ହେଉନା କାହିଁକି ମୋତେ ମୋ ଲକ୍ଷ୍ୟ ହାସଲ ପାଇଁ ଯୁଦ୍ଧ କରିବାକୁ ପଡ଼ିବ । ରାକ୍ଷସ ମାନଙ୍କର ସ୍ଥିତି ଯେ ଆର୍ଯ୍ୟାବର୍ତ୍ତରେ ଏତେ ଶୀଘ୍ର ଦୟନୀୟ ହୋଇଯିବ ଏକଥା ମୁଁ ସ୍ୱପ୍ନରେ ସୁଦ୍ଧା ଭାବିପାରି ନଥିଲି । ଆଉ ସେସବୁ କେବଳ ସମ୍ଭବ ହୋଇପାରିଛି ରାମ, ଲକ୍ଷ୍ମଣଙ୍କ ପାଇଁ । କିଏ ହୋଇପାରନ୍ତି ସେମାନେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୭୯ ॥

କିନ୍ତୁ ଦିତି ଏହା ଭଲ ଭାବରେ ବୁଝିପାରିଲେ ଯେ, ଆଜି ତାଙ୍କର ଯେଉଁ ସନ୍ତାନ ଗର୍ଭରେ ରହିଛି, ସେ ନିଶ୍ଚୟ ବିଷ୍ଣୁ ବିରୋଧୀ ହେବ । ସେ ଡରି ଡରି କଶ୍ୟପଙ୍କୁ ପଚାରିଲେ 'ମୋର ଏହି ଗର୍ଭଜ ଖୁବ ଭୟଙ୍କର ହେବ, ନୁହେଁ ? ମୋତେ କ୍ଷମା କର ପ୍ରଜାପତି, ସେ କ'ଣ ବିଷ୍ଣୁ ବିରୋଧୀ ହେବ ?'

'ଏଁ' !! ଚମକିପଡି ନୟନ ମୁଦ୍ରିତ କଲେ କଶ୍ୟପ । ବ୍ରହ୍ମଙ୍କୁ କିଛି ସମୟ ଧ୍ୟାନ କଲେ । ପୁଣି ଧ୍ୟାନ ଭଗ୍ନକରି ଉତ୍ତେଜିତ ଭା ବେ କହିଲେ,'ତୁମ୍ଭର ଗର୍ଭରେ ଏବେ ବ୍ରାହ୍ମଣଙ୍କ ଦ୍ୱାରା ଅଭି ଶପ୍ତ ଦୁଇ ଜଣ ଦାନବ ଗର୍ଭସ୍ଥ ହୋଇଛନ୍ତି । ଏହା ହେଉଛି ତୁମର କର୍ମଫଳ । ସେମାନେ ପୃଥିବୀରେ ଜନ୍ମ ହୋଇ ନିଜ ତପସ୍ୟା ଫଳରେ ତିନି ପୁରର ରାଜନ ମାନଙ୍କୁ ନିଜ ପାଦ ତଳେ ଖଟାଇବେ । ନିର୍ଦ୍ଦୋଷ ପ୍ରାଣୀ ମାନଙ୍କୁ ମୃତ୍ୟୁ ଦେବେ । ପର ସ୍ତ୍ରୀ ମାନଙ୍କୁ ଅପହରଣ ଓ ଧର୍ଷଣ କରିବେ, ମହାନ୍ତ ଲୋକଙ୍କୁ କୋପ କରିବେ, ଧନ ଓ ଜୀବନ ଅପ ହରଣ କରି ବେ ଏବଂ ଶେଷରେ ବଜ୍ର ଯେପରି ପର୍ବତର ଦର୍ପ ଭାଙ୍ଗେ ସେପରି ବିଷ୍ଣୁଙ୍କ ହସ୍ତରେ ବଧ ହେବେ ।'

' ବିଷ୍ଣୁଙ୍କ ହସ୍ତରେ ସେମାନେ ବଧ ହୁଅନ୍ତୁ, ସେଥିପାଇଁ ମୋର ଚିନ୍ତା ନାହିଁ । କିନ୍ତୁ ବ୍ରାହ୍ମଣ ମାନଙ୍କ ଅଭିଶାପକୁ ମୁଁ ଭୟକରେ । କୁହ, ସେହି ଦାନବ ମାନେ କିଏ ?' ସେମାନଙ୍କୁ କେଉଁ ବ୍ରାହ୍ମଣ, କାହିଁକି ଅଭିଶାପ ଦେଲେ ? 'ସେମାନେ ବିଷ୍ଣୁଙ୍କର ଦ୍ୱାରରକ୍ଷୀ ଜୟ ଓ ବିଜୟ । ତୁମେ ଜାଣିଛ ଯେ ସନକ, ସନତ, ସନନ୍ଦ ଓ ସନାତନ ଏହି ଚାରି ପୁତ୍ର ହେଉଛନ୍ତି ବ୍ରହ୍ମାଙ୍କର ପ୍ରଥମ ସନ୍ତାନ । ସେମାନେ ଯୋଗ ସମ୍ପର୍କରେ ଜିଜ୍ଞାସୁ ହେବାରୁ ଅନ ଭିଜ୍ଞ ବ୍ରହ୍ମା ବିଷ୍ଣୁଙ୍କୁ ଧ୍ୟାନ କରିଥିଲେ । ବିଷ୍ଣୁ ବି ହଂସ ରୂପରେ ପୃଥିବୀକୁ ଆସି ପ୍ରଥମେ ବ୍ରହ୍ମାଙ୍କ ମାଧ୍ୟମରେଏହି ଚାରି ଜଣଙ୍କୁ ଯୋଗଶିକ୍ଷା ଦେଇଥିଲେ । ଯୋଗ ମାର୍ଗରେ ସେମାନେ ବୈକୁଣ୍ଠ ଲୋକ ପର୍ଯ୍ୟନ୍ତ ଗତିକରି ପାରିଥିଲେ । କିନ୍ତୁ ସେମାନେ ଉଲଗ୍ନ ଓ ଉନ୍ମାଦ ଥିବାରୁ ଜୟ,ବିଜୟ ସେମାନଙ୍କୁ ଭିତ ରକୁ ଛାଡିଲେ ନାହିଁ । ସେମାନେ ଜାଣି ପାରିଲେ ନାହିଁ ଯେ, ଏହି ଚାରିଜଣ ହେଉଛନ୍ତି ପରମ ବିଷ୍ଣୁ ଭକ୍ତ । ପରମ ଧାର୍ମିକ । ତାଙ୍କର ସେହି ଅବଜ୍ଞା ପାଇଁ ବ୍ରହ୍ମାଙ୍କ ପୁତ୍ର ମାନେ ତାଙ୍କୁ ଅଭିଶାପ ଦେଲେ ଯେ, ତିନି ଜନ୍ମ ପର୍ଯ୍ୟନ୍ତ ମାନବ ନହୋଇ ସେ ମାନେ ଅସୁର ହୋଇ ଜନ୍ମ ହେବେ । ସ୍ୱୟଂ ବିଷ୍ଣୁ ମଧ୍ୟ ତାଙ୍କୁ ବ୍ରାହ୍ମଣ ମାନଙ୍କ ଅବଜ୍ଞା ଜନିତ ଅଭିଶାପରୁ ରକ୍ଷା କରିନଥିଲେ । ସେମାନେ ବିଷ୍ଣୁଭକ୍ତ, ବେଦଜ୍ଞ, ବ୍ରାହ୍ମଣ, ସାଧୁ, ସନ୍ଥ, ନାରୀ ଓ ଶିଶୁଙ୍କୁ ନିର୍ଯ୍ୟାତନା ଦେବେ । ତିନି ଜନ୍ମ ପରେ ସେମାନେ ବିଷ୍ଣୁଙ୍କ ହାତରେ ବଧ ହେବେ ଏବଂ ମୁକ୍ତି ପାଇ ପୁନର୍ବାର ବୈକୁଣ୍ଠକୁ ଯିବେ । ସେତେବେଳେ ତୁମେ ତାଙ୍କର ପ୍ରକୃତ ମୁଖ ଦର୍ଶନ କରିପାରିବ ।'

ତେବେ ଆମର ପୁତ୍ର ମାନେ ମଧ୍ୟ ବିଷ୍ଣୁଙ୍କର ପରମ ଭକ୍ତଙ୍କ ସହିତ ସମାନ ହୋଇ ମୁକ୍ତି ଲାଭ କରିବେ ?' ' ଦିତି ଆଶ୍ୱସ୍ତ ହୋଇ ହସ, ହସ ମୁଖରେ କହିଲେ । 'କେବଳ ବିଷ୍ଣୁ ଭକ୍ତ ନୁହଁନ୍ତି,ସେମାନେ ମଧ୍ୟ ପ୍ରତିଭାବାନ କଶ୍ୟପଙ୍କର ଉପଯୁକ୍ତ ପ୍ରତିଭାଶାଳୀ ସନ୍ତାନ ହୋଇ ଜନ୍ମ ହେବେ ।' କଶ୍ୟପ ମଧ୍ୟ ଦିତିଙ୍କୁ ଅବଜ୍ଞା କରି ହସି ଉତ୍ତର ଦେଲେ । ସମସ୍ତ ଆଶା ଓ ଆଶଙ୍କା ମଧ୍ୟରେ ମଧ୍ୟ କଶ୍ୟପ ଓ ଦିତି ଆଶ୍ୱସ୍ତ ଥିଲେ ଯେ, ତଙ୍କର ପୁତ୍ର ହେଉଛନ୍ତି ଜୟ,ବିଜୟଏବଂ ସେମାନେ ଅତୀବ ଶକ୍ତିଶାଳୀ । ଗର୍ଭବତୀ ହେବା ଦିନଠାରୁ କଶ୍ୟପ ଆଶଙ୍କା ମଧ୍ୟରେ ଥିଲେ ମଧ୍ୟ ପ୍ରଥମ ପତ୍ନୀ ଓ ପ୍ରଥମ ସନ୍ତାନ ଉତ୍ତମ ହୁଅନ୍ତୁ ବା ଅଧମ ହୁଅନ୍ତୁ ତାଙ୍କୁ ପାଇବାରେ ପୁରୁଷର ଏକ ସ୍ୱତନ୍ତ୍ର ଆନନ୍ଦଏବଂ ଗୌରବ ଥାଏ । କଶ୍ୟପ ଅବା ସେଥିରୁ ବାଦ ଯାଆନ୍ତେ କିପରି ? ବେଦ ମତରେ ଦିତି ଏକଶତ ବର୍ଷ (ହୁଏତ ବେଦମତରେ ଏକଶତ ବର୍ଷ ହେଉଛି ଏକ ବର୍ଷ କିମ୍ୱା ଅସୁର ଜାତି ବା ନଗର ସଭ୍ୟତା ସୃଷ୍ଟି ହେବାର ବା ଜୟ, ବିଜୟ ଅଭିଶାପ ପାଇବାର ଶହେ ବର୍ଷ ପରେ ବୈଦିକ ସଭ୍ୟତାରେ ଅସୁରଙ୍କର ପୁନଃ ସୃଜନର ସମୟାନ୍ତ ପର୍ଯ୍ୟନ୍ତ ଏକ ଶତ ବର୍ଷ ଥିଲା)ଗର୍ଭଧାରଣ କରିଥିଲେ ।

ଯେତେବେଳେ ଏହି ଯମଜ ମାନେ ଜରାୟୁସ୍ଥହେଲେ ପୃଥିବୀରେ ଆଗାମୀ ବିପର୍ଯ୍ୟୟର ବାର୍ତ୍ତା ବହନ କରି ଘୋର ବିତ୍ପାତ ମାନ ସୃଷ୍ଟି ହେଲା । ଘନ ଘନ ଭୂମିକମ୍ପ ହୋଇଚଳ, ଅଚଳ ସୃଷ୍ଟି ସହ ମେଦିନୀ ଦି କମ୍ପିତ ହେବାରେ ଲାଗିଲା । ସମୁଦ୍ରରେ ଉଚ୍ଚ ତରଙ୍ଗମାନ ଦୋଳାୟିତ ହେଲା । ଅଷ୍ଟ ଦିଗରେ ଆକାଶ ପ୍ରଜ୍ୱଳିତ ଅଗ୍ନିର ବର୍ଣ୍ଣଧାରଣ କଲା । ଶ୍ୱାନ, ଶୃଗାଳ, ଉଲ୍ଲୁକ ଓ ଭଲ୍ଲୁକ ଆଦି ଘନ ଘନ ଘୋର ଗର୍ଜନ କରି ପରିବେଶକୁ ଭୟଙ୍କର କରିଦେଲେ । ବିନା ମେଘରେ ବଜ୍ରପାତ ହୋଇ କର୍ଣ୍ଣସ୍ତବ୍ଧ ହୋଇ ଯାଉଥିଲା । ପ୍ରବଳ ପବନ କାନ୍ଦଣାର ଶ୍ୱାସ ଭଳି ମାଡ଼ିଆସି ବଡ଼ ବଡ଼ ବୃକ୍ଷମାନଙ୍କୁ ଉପାଡି ଶୂନ୍ୟରେ ଉଡାଇବାରେ ଲାଗିଲା । ଆକାଶ ନିବିଡ ଅନ୍ଧକାର, ନଦୀମାନେ ଶୁଷ୍କ ଓ ପଙ୍କ ପୂର୍ଣ୍ଣ ହୋଇଗଲେ । ବାତ୍ୟା କୋପରେ ପକ୍ଷୀମାନେ ଓ ପଶୁମାନେ ଘୋର ଗର୍ଜନ କଲେ ଓ ଫେରଜମାନେ ପୂର୍ବକୁ ମୁଖ କରି ଜ୍ୱଳନ୍ତ ଅଗ୍ନି ମୁଖରେ ଅତି ଦୁଃ ଖରେ ନାଦ କଲେ । ଗନ୍ଧର୍ବମାନେ ସୂର୍ଯ୍ୟଙ୍କୁ ଚାହିଁ ରୋଦନ କରିବାରେ ଲାଗିଲେ । 'ଅହୋ, ଏ କ'ଣ ହେଉଛି ? ଗାଭୀମାନଙ୍କୁ ଦୋହନ କରିବା ସମୟରେ ଦୁଗ୍ଧ ବଦଳରେ ସେମାନେ ରକ୍ତସ୍ରାବ କରିବାରେ ଲାଗିଛନ୍ତି । ଘୋର ନାଦରେ ପୁଣି ଦିନ, ରାତି ବର୍ଷା ହେଉଛି । ଯୁଥ ଯୁଥ ଭୃଙ୍ଗ ଗୁଞ୍ଜନ ତୋଳି ପୁଷ୍ପ ନିକଟକୁ ଆସୁଛନ୍ତି ସତ, କିନ୍ତୁ ବୃକ୍ଷରେ ପିଟି ହୋଇ ଖସି ପଡୁଛନ୍ତି । ଗୃହମାନ କନ୍ଦଳ ରାବରେ ପରିପୂର୍ଣ୍ଣ ହେଉଛି । ଚାରିଆଡେ ପ୍ରଳୟ କାଳୀନ ଉତ୍ପାତର ଅଶୁଭ ସଂକେତ ପଶୁପକ୍ଷୀଙ୍କ ସହ ପ୍ରଜାମାନେ ଭୟରେ ମଳ ଓ ମୂତ୍ର ତ୍ୟାଗ କରୁଛନ୍ତି । ସନକ, ସନତ, ସନନ୍ଦ ଓ ସନାତନ ଏସବୁ ଲକ୍ଷ କରି ବିଶ୍ୱ ସଂସାରରେ ଯେ ମହାତ୍ରାସ ସୃଷ୍ଟି ହେବ ଏକଥା ବୁଝିପାରିଲେ ।

ପିତାମହ ବ୍ରହ୍ମା ଏହାର କାରଣ ଅନୁସନ୍ଧାନ କରି ଧ୍ୟାନ ମଗ୍ନ ହୋଇଗଲେ । ସେ ଧ୍ୟାନ ବଳରେ କଣ ଦେଖିଲେ ?


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


# ପିଲାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି



ଡ.ଅରୁନ୍ଧତୀ ଦେବୀ

ଖୁବ୍ କମ ଦିନ ଭିତରେ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଉଛି । ବାର୍ଷିକ ପରୀକ୍ଷା ଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା । ଅନେକ ହୁଏତ ଜାଣିନଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ । ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟି କରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ । ପିଲାମାନଙ୍କୁ ଯଥା ସମ୍ଭବ ଚାପ ଓ ବ୍ୟସ୍ତତା ଠାରୁ ଦୂରେଇ ରଖିବା ସବୁଠାରୁ ଶ୍ରେଷ୍ଠ ମାଧ୍ୟମ । ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି । ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ । ସଠିକ୍ ଭାବେ ବିଶ୍ରାମ ନହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ । ନିଜ ଶିକ୍ଷାୟତନର ଶିକ୍ଷକ ବା ଟ୍ୟୁସନ ସାରଙ୍କ ଠାରୁ ଯଥେଷ୍ଟ ପୂର୍ବରୁ ଏ ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରି କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ । ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକୀୟ ଜିନିଷ ରଖନ୍ତୁ । ଏ ସବୁ ଜିନିଷ ଖୋଜିବା ପାଇଁ ଯେପରି



ଜଣେ ଅନ୍ୟମନସ୍କ ନହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନକରେ । ସେହିପରି କ୍ରମାଗତ ଭାବେ ଚାରି ପାଞ୍ଚ ଘଣ୍ଟା ଧରି ପାଠ ପଢିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢୁଥିବା ଜିନିଷକୁ ଚିନ୍ତନ କରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ । ରାତି ରାତି ଅନିଦ୍ରା ହୋଇ ପିଲାମାନଙ୍କୁ ଘୋଷା ସୁଆ କରିବା ଅଭ୍ୟାସ ଭଲ ନୁହେଁ । ବର୍ତ୍ତମାନ ସମୟର କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ । ମନେରଖିବା ପାଇଁ ବଜାରରେ ମିଳୁଥିବା ଔଷଧ ଟନିକ୍ ପିଲାଙ୍କୁ ଆଦୌ ଦିଅନ୍ତୁନାହିଁ । ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରଖନ୍ତୁ ।

ସକାଳୁ ଶୋଇ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ । ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମ ନେବା ବହୁତ ଭଲ । ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ । ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ । ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ । ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ । ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ ହାଲକାରେ ତା ମାନସିକତା ବୁଝନ୍ତୁ । ଅମକ ଡିଭିଜନ ପାଇଲେ ବା ଅମକ ର୍‍ୟାଙ୍କ ପାଇଲେ ଏଇୟା ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧକତା ଚାପ ତା'ଉପରେ ଲଦନ୍ତୁନାହିଁ । ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତାର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ । ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେକ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି । ଏ ଦିଗଟିକୁ ଗୁରୁତର ସହ ବିଚାର କରି ତାକୁ ଦୂରେଇ ରଖନ୍ତୁ । ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ । ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ । ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁନାହିଁ । ବକୁଳବନର ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ପରି ପୂଜ୍ୟଶ୍ରୀ କୁମାର ଭାଇଙ୍କ ଶୋଭନୀୟ ଶିକ୍ଷାଶ୍ରମ ଏକ ଗୁରୁକୁଳ କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ନିର୍ମଳ ଓ ଆଧ୍ୟାତ୍ମିକ ପରିବେଶ ଭିତରେ ପିଲାମାନଙ୍କୁ ପରୀକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତୁତି କରାଯାଏ । ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି । ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ । ପ୍ରତିଟି ପିଲାଙ୍କ ପରୀକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା ଜଣାଉଛି ।


+ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,

ମୋ : ୯୯୩୭୧୭୨୮୧୦


## ଚିତ୍ର ଚରିତ୍ର

ଶୁଭଶ୍ରୀ ରାଉତ



ଇଚ୍ଛା ହୁଏ
ଖୋଲି ଦିଅନ୍ତି ହୃଦୟ ।

ହୃଦୟ କଣ କି ?
ଗୋଟାଏ କାନଭାସ୍ ତ ଆଉ. !

କୋଉ ରଙ୍ଗ ଦେଲ ଯେ ତୁମେ
ଚିତ୍ରେଇ ଦେବି କୃଷ୍ଣଚୂଡ଼ା
ଛାଟିଦେବି ରଜନୀଗନ୍ଧାର ବାସ୍ନା ।

ତମେ ଜାଣିଛ,
ଶବ୍ଦକୁ କେମିତି ରଙ୍ଗ ଦିଆଯାଏ,
ପଥରରେ ଗଢାଯାଏ ଫୁଲର ପାଖୁଡା,
ଉଡେଇ ଦିଆଯାଏ ଭଅଁରକୁ

ଗର୍ଭ ଗହ୍ୱରକୁ
ଭିଜେଇ ଭିଜେଇ ବର୍ଷାର ମହୁରେ ।

ବୋଲା ନ ହୋଇ
କୋଉ ରଙ୍ଗ ବୁଝିଛି ଯେ
ଚିତ୍ରକଥାର ବ୍ୟଥା ।


+ଅମରାବତୀପୁର,
ଚାରିବାଟିଆ, କଟକ

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର, ୧୨/୨ (ନି.ପ୍ର): ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତା ମୂଳକ ପଦକ୍ଷେପ ସଂପର୍କିତ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଏ ସଂପର୍କରେ ସୂଚୀତ କରିବା ପାଇଁ ଜିଲ୍ଲାପାଳ ଶ୍ରୀମତୀ ଦାସ ନିର୍ଦ୍ଦେଶ ଦେବା ସହ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ଜିରୋ କରିବା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟତଃ ଜଳ କ୍ଲିଷ୍ଟ ଅଂଚଳଗୁଡିକୁ ଚିହ୍ନଟ କରି ପାନୀୟ ଜଳର ସୁବନ୍ଦୋବସ୍ତ କରିବା, ପାନୀୟ ଜଳର ସମସ୍ୟା ସଂପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୃଣମୂଳ ସ୍ତରରେ ପି ଆର ଆଇ ମେମ୍ବର, ଗ୍ରାମ୍ୟ ସ୍ତରୀୟ ପାନୀୟ ଜଳ ଓ ପରିମଳ ପରିଚାଳନା କମିଟି ସହିତ ବୈଠକ କରି ଆବଶ୍ୟକ ପାନୀୟ ଜଳ ପରିଚାଳନା ଉପରେ ବିଡ଼ିଓ ଏବଂ ଆର ଡବ୍ଲୁ ଏସ ଏସ ଅଧିକାରୀ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ୨୪ ଘ ୭ ଘଂଟା ହିସାବରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ବିଦ୍ୟୁତ ବିଭାଗ ଯତ୍ନବାନ ହେବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ପାନୀୟ ଜଳ ଯୋଗାଣ କେନ୍ଦ୍ରଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ ସରୋବରାହ ଚାଲୁ ରଖିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏତଦ୍ ବ୍ୟତୀତ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍‌ପିଟାଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ତଥା ଅନ୍ୟାନ୍ୟ ଆନୁସଂଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ସିଡ଼ିଏମ୍ ?ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ ?ପିଟାଲ୍ ? ଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ସହ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠରୀ ପ୍ରସ୍ତୁତିକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଂଶୁଘାତ ଜନିତ ତୁରନ୍ତ ପଦକ୍ଷେପ ଓ ସୂଚନା ନିମନ୍ତେ ଜିଲ୍ଲା ଜରୁରୀ ଶାଖା ତରଫରୁ ସର୍ବସାଧାରଣଙ୍କ ନିମନ୍ତେ କଂଟ୍ରୋଲ ରୁମ୍ (୨୪ଘ୭) ଚାଲୁ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ବ୍ଲକ୍, ତହସିଲ ଓ ସଂପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକରେ ମଧ୍ୟ କଂଟ୍ରୋଲ ରୁମ୍ ଖୋଲିବା ନିମନ୍ତେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବୈଠକରେ ବିଭିନ୍ନ ଜରୁରୀ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଅଚଳ ହୋଇଥିବା ନଳକୂପ ଗୁଡିକୁ ସଚଳ କରିବା ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ଓ ତତ୍ ସଂକ୍ରାନ୍ତୀୟ ସମସ୍ୟା ସଂପର୍କରେ ପଦକ୍ଷେପ ଗ୍ରହଣ କରିବା, ଅଂଶୁଘାତ ଜନିତ ମୃତ୍ୟୁର ଯଥାଶୀଘ୍ର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌରପରିଷଦ, ଏନଏସି, ବ୍ଲକ, ପଂଚାୟତ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସ୍ ?ଷ୍ଟାଣ୍ଡ ମାନଙ୍କରେ ଜଳ ଛତ୍ର ଖୋଲିବା, ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବା ଇତ୍ୟାଦି ସଂପର୍କରେ ବୈଠକରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗଗୁଡିକ ଆବଶ୍ୟକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଯାତ୍ରୀବାହୀ ବସ୍ ? ତଥା ଅନ୍ୟାନ୍ୟ ଯାତ୍ରୀବାହୀ ଯାନବାହନ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆ ?ଏସ୍ ? ପ୍ୟାକେଟ୍ ? ରଖିବା ସହ ସମୟ ନିର୍ଘଂଟ ଜାରି କରିବା ସକାଶେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ଶ୍ରମିକ ମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ରଖିବା ସହ କାର୍ଯ୍ୟ ସମୟ ନିର୍ଘଂଟକୁ ଜାରି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ, ଗାଈ ଇତ୍ୟାଦି ପ୍ରାଣୀ ସଂପଦଙ୍କ ପିଇବା ପାଣିର ବ୍ୟବସ୍ଥା ପାଇଁ ତଥା ଔଷଧ ରଖିବା ନିମନ୍ତେ ବିଡ଼ିଓ ଏବଂ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ବନ୍ୟ ସମ୍ପଦର ସୁରକ୍ଷା ପ୍ରତି ଆଗୁଆ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସଂପର୍କରେ ଜନସାଧାରଣ ଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗ ସେମାନଙ୍କ ବିଭାଗ ସହ ସମ୍ପୃକ୍ତ କାର୍ଯ୍ୟକାରୀ ସଂସ୍ଥା / ବ୍ୟକ୍ତି ବିଶେଷଙ୍କ ସହିତ ଆବଶ୍ୟକ ସଚେତନତା ବୈଠକ କରିବେ। ସେହିପରି ତୃଣମୂଳ ସ୍ତରରେ ବିଡ଼ିଓ /ତହସିଲଦାର ପ୍ରଭୃତି ପିଇଓ, ପିଆରଆଇ ମେମ୍ବର, ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରମୁଖଙ୍କୁ ନେଇ ସଚେତନତା ବୈଠକ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ବିଭାଗ ତରଫରୁ ନେବାକୁ ଥିବା ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ। ଏହି ବୈଠକରେ ସୋନପୁର ଉପଜିଲ୍ଲାପାଳ ଡ଼ଃ. ସୌମ୍ୟାରୁପା ରଥ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପଲ୍ଲବୀ ରାଣୀ ରାଜ ସମେତ କାର୍ଯ୍ୟନିର୍ବାହୀ ବିଭାଗର ଅଧିକାରୀ ବୃନ୍ଦ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ ଶାଖା ଦ୍ୱାରା ଆହୁତ ଏହି ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ସମସ୍ତଙ୍କୁ ବୈଠକରେ ସ୍ୱାଗତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଲବାଣୀ ଜିଲ୍ଲା ଇ-ପାଠାଗାରର ୭ମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ, ୧୨/୨ (ନି.ପ୍ର): ସବୁ ବର୍ଷ ଭଳି ଚଳିତ ବର୍ଷ ଜିଲ୍ଲା ଇ ପାଠାଗାର ରେ ଗତ ୧୦ ତାରିଖ ରେ ୭ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁଶ୍ରୀ ଦେବଯାନୀ ଭୂୟାଁ, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବି ଶ୍ରୀ ବିଜୟ କୃଷ୍ଣ ପଟ୍ଟନାୟକ ଓ ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଆ ଅଧାପିକା ଶ୍ରୀମତୀ ଜ୍ୟୋତିର୍ମୟୀ କହଁର ଓ ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ ହରି ଶଙ୍କର ରାଉତ ଯୋଗ ଦେଇଥିଲେ। ସଭା ଆରମ୍ଭ ରୁ ସ୍ୱାତୀ ଅନୁଷ୍ଠାନ ର ପ୍ରଦୀପ ସ୍ୱାଇଁ ପାଠକ ପାଠିକା ଓ ଅତିଥିଙ୍କ ସହ ଶିକ୍ଷା ଓ ସ୍ୱପ୍ନ ସମ୍ବନ୍ଧିତ ଏକ କର୍ମଶାଳାକୁ ସଂଯୋଜନା କରାଇଥିଲେ। କର୍ମଶାଳା ପରେ ଇ ପାଠାଗାର ପ୍ରତିଷ୍ଠାତା ସ୍ୱର୍ଗତଃ ବିରେନ୍ଦ୍ର କୁମାର ଦାସ ଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ରଖାଯାଇଥିଲା। ସ୍ୱର୍ଗତ ଦାସଙ୍କ ବିୟୋଗ ରେ ଫଟୋଚିତ୍ର ରେ ପୁଷ୍ପ ଅର୍ପଣ ଓ ଶୋକପୂର୍ଣ୍ଣ ନୀରବ ପ୍ରାର୍ଥନା କରାଯାଇଥିଲା। ଲାଇବ୍ରେରିୟାନ ଶିବ ସୁନ୍ଦର ସାହୁ ସ୍ୱର୍ଗତ ଦାସ ଙ୍କ ଉଦ୍ଦେଶ୍ୟ ରେ ଏକ ଭାବପୂର୍ଣ୍ଣ ବିସ୍ତୃତ ବିବରଣୀ ସହ ଇ ପାଠାଗାର ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଇ ଟି ଡି ଏ ପ୍ରକଳ୍ପ ପ୍ରଶାସିକା ସୁଶ୍ରୀ ଭୂୟାଁ ଇ-ପାଠାଗାର ପାଇଁ ଚଳିତ ବର୍ଷ ପ୍ରସ୍ତୁତ ଯୋଜନା ଉନ୍ମୋଚନ କରିଥିଲେ, ଆଗାମୀ ଦିନରେ ଇ ପାଠାଗାରର ମୁଖ୍ୟତଃ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସହଜ ସହାୟକ ପାଇଁ ସ୍ୱତନ୍ତ୍ର କୋଚିଙ୍ଗ, ସାପ୍ତାହିକ ସେମିନାର, କ୍ୟାରିୟର କାଉନସେଲିଂ ସହ ପାଠକ ପାଠିକାଙ୍କ ଦରକାରୀ ସୁବିଧା ଯୋଗାଇଦିଆଯିବା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଶ୍ରୀ ପଟ୍ଟନାୟକ ଇ-ପାଠାଗାରର ସୃଷ୍ଟି ଓ ପ୍ରତିଷ୍ଠାତାଙ୍କ ଅବଦାନକୁ ବିସ୍ତୃତ ବର୍ଣ୍ଣନା ସହ ଛାତ୍ର ଛାତ୍ରୀଙ୍କ ଚରିତ୍ର ଓ କ୍ୟାରିୟର ଗଠନ ପାଇଁ ବହିର ଆଦର ଓ ଆବଶ୍ୟକତା ବିଷୟରେ କହିଥିଲେ। ଶ୍ରୀ ରାଉତ କନ୍ଧମାଳର ଏହି ଇ - ପାଠାଗାର ଅନ୍ୟ ଜିଲ୍ଲା ପାଇଁ ରୋଲ ମଡେଲ ସାଜିଥିବା କହିବା ସହ ଆର୍ଥିକ ପ୍ରୋତ୍ସାହନ ବଢ଼ିଲେ ଏହାର ସ୍ୱତନ୍ତ୍ରତା ଆହୁରି ବଢ଼ିପରିବା ଦିଗରେ କହିବା ସହ ଶିକ୍ଷାକୁ ସମାଜ ଗଠନ ସହ କିପରି ଯୋଡ଼ିବାରେ ପାଠାଗାର ଭୂମିକା ଅନବଦ୍ୟ କହିଥିଲେ। ଶ୍ରୀମତୀ କହଁର ସ୍ୱର୍ଗତ ଦାସ ଙ୍କ ସମୟ ର ତ୍ରିଛକି ରାସ୍ତାରେ ପୁସ୍ତିକା ରୁ କିଛି କବିତାକୁ ବର୍ଣ୍ଣନା କରିବା ସହ ପାଠାଗାର ପ୍ରତି କଲେଜ ଛାତ୍ର ଛାତ୍ରୀ ବହି ସହ ସମୟ ବିତାଇବାକୁ ପରାମର୍ଶ ଦେଇଥିଲେ। ପୋଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ଦେବୀ ପ୍ରସାଦ ଶତପଥୀ ଜୀବନ ଗଠନରେ ଲାଇବ୍ରେରୀରେ ଭୂମିକା ସମ୍ପର୍କରେ କହିବା ସହ ମଣିଷ ତିଆରି କାରଖାନା ଇ ପାଠାଗାରର ଉତୋରତୋର ଉନ୍ନତି କାମନା କରିଥିଲେ। ସଭା ଶେଷରେ ଚାକିରି ପାଇଥିବା କୃତି ପାଠକ ପାଠିକା ମଧୁସ୍ମିତା ପ୍ରଧାନ, ଦୀପକ ପାତ୍ରୀ ଓ ପାଠାଗାର ରେ ସକ୍ରିୟ ସହୋଯୋଗ ପାଇଁ ନୀତେଶ ପାତ୍ର ଓ ତାଙ୍କ ସହଯୋଗି ଙ୍କୁ ସମ୍ମାନିତ କରାଯାଇଥିଲା। ସହକାରୀ ଲାଇବ୍ରେରିୟାନ୍ ପ୍ରଭାତ କୁମାର ଦାସ ବାଲ୍ୟ ବିବାହ ସଚେତନତା ମୂଳକ ଏକ ନାଟକ ମିଳି ଆଖିର ଲୁହ ରଚନା ଓ ନିର୍ଦ୍ଦେଶନା ଦେବା ସହ ପରିବେଷଣ କରାଇଥିଲେ ଇ ପାଠାଗାର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତଙ୍କୁ ଧନ୍ୟବାଦ୍ ଦେଇ କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା।

## ୧୮୭ ମଣ୍ଡି ମାଧ୍ୟମରେ ୮୪୪୬୨୦ କ୍ୟୁଂଟାଲ ଧାନ କ୍ରୟ

ପୁରୀ, ୧୨/୨ (ନି.ପ୍ର): ପୁରୀ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତା ଓ ଆର ଏମ ସି ପକ୍ଷରୁ କୃଷକ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର କୃଷକ ମାନେ ଧାନ ବିକ୍ରି ରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକ ଙ୍କ ଠାରୁ ୧୧୬୮୬୦୨ କ୍ୟୁଂଟାଲ ୯୪ କି.ଗ୍ରା. ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଚଳିତ ମାସ ୧୧ ତାରିଖ ସୁଦ୍ଧା ଖୋଲା ଯାଇଥିବା ସମସ୍ତ ୧୮୭ଟି ମଣ୍ଡିରେ ୨୦,୩୩୩ କୃଷକଙ୍କ ଠାରୁ ୮୪୪୬୨୦ କ୍ୟୁଂଟାଲ ୪୮ କି.ଗ୍ରା. ଧାନ ସଂଗ୍ରହ ହୋଇଛି। ୧୮୭୦୦ ଜଣ କୃଷକ ଙ୍କୁ ୧୮୦୩୧୪୯୦୦୯ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୧୬୮୦୪ ଜଣ କୃଷକ ୧୬୩୧୦୫୬୦୪ ଟଙ୍କା ବ୍ୟାଙ୍କ ମାଧ୍ୟମରେ ପ୍ରାପ୍ତ ହୋଇଛନ୍ତି। ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ମାନେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି।

# କେଟିଏମ ବାଇକ ଧକ୍କାରେ ମହିଳାଙ୍କ ମୃତ୍ୟୁ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୧୨/୨ (ନି.ପ୍ର): କେଟିଏମ ବାଇକ ଧକ୍କାରେ ମହିଳା ଙ୍କ ମୃତ୍ୟୁ ମାମଲାରେ ଆଜି ବାଇକ ଚାଳକକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁ ନଗରର ରମା କାନ୍ତ ସାଗର ଓଲିୟସ ସୁରଜ (୨୦) । ପୋଲିସ ସୂଚନା ଅନୁଯାଇ ଗତ ୭ ତାରିଖରେ କେଟିଏମ ବାଇକ ଧକ୍କାରେ ଝରିଗୁମ୍ମାର ପଦ୍ମା ସାହୁ ନାମକ ଜଣକ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାଇ ମହିଳା ନୁଆସାହି ଦଳ ମଣ୍ଡପରେ ରହୁଥିବା ବେଳେ ଗତ ୭ ତାରିଖରେ ଝିଅକୁ ମହିଳା ମହାବିଦ୍ୟାଳୟରେ ଛାଡି ଫେରୁଥିବା ବଳେ କେଟିଏମ ବାଇକ ଧକ୍କା ଦେଇଥିଲା । ବାଇକ ଆରୋହି ବାଇକ ଛାଡି ଚମ୍ପଟ ମାରିଥିବା ବେଳେ ସ୍ଥାନୀୟ ଲୋକେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ଗେଟ ଗୁଡା ସ୍ଥିତ ଘରୋଇ ହସପିଟାଲରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି । ମହିଳା ଙ୍କ ୫ଟି ଝିଅ ଥିବା ବେଳେ ଜଣେ ୫ ବର୍ଷ ଝିଅ ବି ରହିଛି । ଅଭିଯୁକ୍ତ କୁ ତୁରନ୍ତ ଗରିଫ କରିବା ଦାବିରେ ପରିବାର ଲୋକେ ପୋଲିସର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ପୋଲିସ ଗିରଫ କର ଅପରାହ୍ନ ୪ଟାରେ କୋର୍ଟ ଚାଲାଣ କରି ଦୁର୍ଘଟଣା ଘଟାଇଥିବା ବାଇକକୁ ମଧ ଜବତ କରିଛି ।

# ବ୍ଲକସ୍ତରୀୟ ହିସାବ ରକ୍ଷକ, ଏମ୍ଆଇଏସ୍ ଚାକିରୀ ସ୍ଥାୟୀ କରିବାକୁ ଦାବି

ଭୁବନ, ୧୨/୨ (ନି.ପ୍ର): ଭୁବନ ବ୍ଲକସ୍ତରୀୟ ହିସାବ ରକ୍ଷକ ଓ ଏମ୍ଆଇଏସ୍ ସଂଯୋଜକ ଠିକା କର୍ମଚାରୀ ଙ୍କ ଚାକିରୀ ସ୍ଥାୟୀ କରିବା ସହିତ ରାଜ୍ୟ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରିବା ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଥିପାଇଁ ଗତ ଜାନୁଆରୀ ମାସ ୨୯ ତାରିଖ ଠାରୁ ମିଳିତ ବ୍ଲକସ୍ତରୀୟ ହିସାବ ରକ୍ଷକ ଓ ଏମ୍ଆଇଏସ୍ ସଂଯୋଜକ ଠିକା କର୍ମଚାରୀମାନେ ଭୁବନେଶ୍ୱର ଲୋୟର ପି୍ଏମ୍ଜି ଠାରେ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଶିକ୍ଷକମାନେ ଦରମା ପାଇବାରୁ ବଂଚିତ ହୋଇଛନ୍ତି। ଭୁବନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହିସାବ ରକ୍ଷକ ଭାବେ କାର୍ଯ୍ୟ କରୁଥିବା ତିନିଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଏହି ବ୍ଲକର ୧୧୮ ଜଣ ପ୍ରାଥମିକ ଶିକ୍ଷକ ସେମାନଙ୍କ ଦରମା ପାଇ ପାରୁନାହାନ୍ତି। ହିସାବ ରକ୍ଷକ,ଏମ୍ଆଇଏସ୍ କର୍ମଚାରୀ ମାନଙ୍କ ମୁଖ୍ୟ ଦାବି ହେଉଛି ଚାକିରୀ ସ୍ଥାୟୀ, ସପ୍ତମ ବେତନ କମିଶନ ଆଧାରରେ ଦରମା, ୨୫ ପ୍ରତିଶତ ଇ ପି ଏଫ୍ କଟାଯିବା ବଦଳରେ ୧୨ ପ୍ରତିଶତ କଟାଯିବା ଓ ସରକାର ୧୩ ପ୍ରତିଶତ ଡିପୋଜିଟ ଦେବା, ରାଜ୍ୟ ଓ ଜିଲ୍ଲା ସ୍ତରରେ ଓସେପା କର୍ମଚାରୀ ଭାବେ ପାଉଥିବା ଦରମା ବ୍ଲକ ସ୍ତରରେ ଲାଗୁ କରାଯିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ଇତ୍ୟାଦି ରହିଛି। ଏ ସମ୍ପର୍କରେ ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚିଠି ନଂ ୨୫/ ୨୦୨୫ ତା ୬.୨.୨୦୨୫ ରେ କମିଶନର ତଥା ସଚିବଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ବିଧାୟକମାନେ ମଧ୍ୟ ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରାଇ ଦାବି ପୂରଣ ପାଇଁ ନିବେଦନ କରୁଛନ୍ତି। ଏହି କ୍ରମରେ ଭୁବନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ର ତିନି ଜଣ ହିସାବ ରକ୍ଷକ ଉତ୍କଳ କୁମାର ସାହୁ, ମୋହନ ନାୟକ ଓ ସନ୍ତୋଷ ସାହୁ ଆଜି ମଙ୍ଗଳବାର ଦିନ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିବା ସହ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେଉଥିବା ବିଧାନ ସଭା ଅଧିବେଶନରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ନିବେଦନ କରିଥିଲେ। ବିଧାୟକ ଶ୍ରୀଯୁକ୍ତ ଜେନା ନିଶ୍ଚିତ ଭାବେ ସମସ୍ୟା ସମାଧାନ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।

# ବିସ୍ଥାପିତଙ୍କ ବ୍ୟଥା ଶୁଣୁନାହାନ୍ତି ସରକାର ଓ ପ୍ରଶାସନ ଆନ୍ଦୋଳନମୁହାଁ ହେବେ ବିସ୍ଥାପିତ: ନରସିଂହ

ବଲାଙ୍ଗୀର, ୧୨/୨ (ନି.ପ୍ର): ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ପୂର୍ବତନ ସରକାର ଭୋଟ ଲୋଭରେ ଉଦ୍‌ଘାଟନ କଲେ। ଲୋକଙ୍କ ବୃହତର ସ୍ୱାର୍ଥକୁ ଦେଖି ବିସ୍ତାପିତମାନେ ଅନେକ ସମସ୍ୟା ଥିଲେ ହେଁ ଚୁପ ରହିଲେ। ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ସବୁ ସମାଧାନର ପ୍ରତିଶୃତି ଦେଇଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ବିସ୍ତାପିତଙ୍କ ସମସ୍ୟା ଯଥା ପୁର୍ବଂ ତଥା ପରମ ରହିଛି। ଏପରି ସ୍ଥିତିରେ ଯଦି ବର୍ତମାନର ସରକାର ଓ ପ୍ରଶାସନ ପୂର୍ବରୁ ଥିବା ସମସ୍ୟାଗୁଡିକର ସମସ୍ୟା ସମାଧାନ ନକରେ ତେବେ ବିଭିନ୍ନ ପୁର୍ନର୍ବାସ କଲୋନିରେ ରହୁଥିବା ବିସ୍ଥାପିତମାନେ ଆନ୍ଦୋଳନମୁହାଁ ହେବେ ବୋଲି ଆଜି ଝାଙ୍କରପାଲି ସ୍ଥିତ ଲୋୟର ସୁକତେଲ ପୁର୍ନର୍ବାସ କଲୋନିରେ ଲୋକଙ୍କ ସମସ୍ୟାକୁ ନେଇ ଆଲୋଚନା ପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେ ଏହାକୁ ନେଇ ଆହୁରି ମଧ୍ୟ କହିଛନ୍ତି ଯେ ସେ ବିଧାୟକ ଥିଲାବେଳେ ତତ୍‌କାଳିନ ପ୍ରଶାସନ ଏବଂ ପ୍ରକଳ୍ପ ଯନ୍ତ୍ରୀମାନେ ପୁନର୍ବାସ ଓ ଥଇଥାନକୁ ନେଇ ଅନେକ ପ୍ରତିଶୃତି ଦେଇଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ସମାଧାନ ହୋଇନାହିଁ। ଯଦି ବି କିଛି ହୋଇଛି ସେଥିରେ ଦୁର୍ନିତି ହୋଇଥିବାର ଲୋକେ ଅଭିଯୋଗ କରୁଛନ୍ତି। ଉଦାହରଣସ୍ୱରୁପ ଝାଙ୍କରପାଲି ପୁର୍ନର୍ବାସ କଲୋନି ଲୋକଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନରେ ବଲାଙ୍ଗିର ସଦର ବ୍ଲକ ପ୍ରଶାସନ ତରଫରୁ ଏକ ପୋଖରୀ ଖୋଳାଯାଇଛି। ଯେଉଁ ଥିରେ କି ଏହା ସିଂହଭାଗ ଅନୁଦାନ ବାଟମାରଣା କରି ଦୁର୍ନିତି ହୋଇଥିବା ସ୍ପଷ୍ଟ ଜଣାପଡୁଛି ବୋଲି ଅଭିଯୋଗ ଆସୁଛି। ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟନୁଷ୍ଠାନ ହେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଛୋଟ ଛୋଟ ଛୁଆମାନଙ୍କ ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ବହୁ ଦିନରୁ ଦାବି ହେଉଛି। ପ୍ରଶାସନ ଓ ପ୍ରକଳ୍ପ ଅଧିକାରୀ ସ୍କୁଲ ପାଇଁ ସମ୍ମତି ପ୍ରଦାନ କରୁଥିଲେ ହେଁ ଦୁଇ ବର୍ଷ ହେଲା ସେ ସ୍କୁଲ ହୋଇନଥିବାରୁ ଛୋଟ ଛୋଟ ଛୁଆମାନେ ପାଠ ପଢିବା ପାଇଁ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଜି ପର୍ଯ୍ୟନ୍ତ ସ୍ଥାୟୀ ପିଇବା ପାଣି ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ପାଣି ବନ୍ଦୋବସ୍ତ ହୋଇପାରିନାହିଁ। ଏପରି କି କିଛି ବିସ୍ତାପିତଙ୍କ ମୁଣ୍ଡପିଛା ହେଉ କି ଫଳନ୍ତି ବୃକ୍ଷ ର କ୍ଷତିପୁରଣ ଆଜି ପର୍ଯ୍ୟନ୍ତ ମିଳିନାହିଁ। ଏପରି ଅବ୍ୟବସ୍ଥାରେ ପୁର୍ନର୍ବାସ କଲୋନିରେ ବିସ୍ତାପିତମାନେ ଅସହାୟ ଅବସ୍ଥାରେ ପଡିରହିଛନ୍ତି। ତେଣୁ ଏପରି ପରିସ୍ଥିତି ଜାରି ରହେ ତେବେ ଆଗାମୀ ଦିନରେ ସମସ୍ତ ବିସ୍ତାପିତମାନେ ପୁଣି ଏକଜୁଟ ହୋଇ ଆନ୍ଦୋଳନମୁହାଁ ହେବେ ବୋଲି ଶ୍ରୀ ମିଶ୍ର ଙ୍କ ଆଗରେ ବିସ୍ତାପିତମାନେ ବିଷୋଦଗାର କରିଛନ୍ତି। ଆଜିର ଏହି ଆଲୋଚନା ସମୟରେ ଶ୍ରୀ ମିଶ୍ରଙ୍କ ସହ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ସରପଂଚ ସଂଜୟ ଗଡତ୍ୟା, ଡା. ରାଧାକାନ୍ତ ଭୋଇ, ଭରତ ସାହୁ, ମୀନକେତନ ଚାନ୍ଦ, ବିଷ୍ଣୁ ଛତ୍ରିଆ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ

କେନ୍ଦ୍ରାପଡ଼ା, ୧୨/୨ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟିର ବୈଠକ ଜିଲ୍ଲା ପରିଷଦ ସାଧାରଣ ସଭାଗୃହ ଠାରେ ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି ଓ ବିଧାୟକ, କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବିଭାଗୀୟ ବିକାଶ ମୂଳକ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଓ ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ ବିଧାୟକଙ୍କ ଆଂଚଳିକ ବିକାଶ ପାଣ୍ଠି (ଏମଏଲଏଲାଡ୍ ଫଣ୍ଡ), ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ କଳାକାର ଭତାର ସ୍ଥିତି, ପୂର୍ତ ବିଭାଗ ଅଧୀନରେ ନିର୍ମାଣଧୀନ ଥିବା ରାସ୍ତା ଏବଂ ପୋଲ ଇତ୍ୟାଦି, ଜଳସମ୍ପଦ ଅଧୀନରେ କାର୍ଯ୍ୟକାରୀ ହେଉଥିବା ନଦୀବନ୍ଧ ସଙ୍କ୍ରାନ୍ତୀୟ ତଥ୍ୟ, ଜଳ ଯୋଗାଣ ତଥା ନଳକୂପ ସ୍ଥାପନ ପାଇଁ ଥିବା ପ୍ରସ୍ତାବ ଆଦି, ନିର୍ବାଚନ ମଣ୍ଡଳୀ ଅଧିନ ମଣ୍ଡିରେ ଖରିଫ ଧାନ ସଂଗ୍ରହ ସମ୍ବନ୍ଧୀୟ, ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ମିଶନ ଶକ୍ତି ଗୃହ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ, ନୂତନ ଟ୍ରାନ୍ସଫରମର ସ୍ଥାପନ ତଥା ଅନ୍ୟାନ୍ୟ ବିଭାଗୀୟ ଉନ୍ନୟନ କାର୍ଯ୍ୟ ଆଦି ସ୍ଥାନ ପାଇଥିଲା ଓ ସମସ୍ତ ବିକାଶ ମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ମାନ୍ୟବର ବିଧାୟକ ଗୁରୁତ୍ୱାରୋପ କରିଥିବା ବେଳ ଏହା କିପରି ସଠିକ ସମୟ ମଧ୍ୟରେ ସମ୍ପାଦନ ହେବ ଏଥି ପ୍ରତି ଧ୍ୟାନ ଦେବାପାଇଁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶରଧାବାଲି ୱେଲଫର ଆସୋସିଏସନର ବାର୍ଷିକ ଉତ୍ସବ

ଗଂଜାମ, ୧୨/୨ (ନି.ପ୍ର): ବ୍ରହ୍ମପୁର ଶରଧାବାଲି ୱେଲଫର ଆସୋସିଏସନ୍ ବାର୍ଷିକ ଉତ୍ସବ କେଶିବ ପ୍ରସାଦ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଅଞ୍ଚଳର ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଉତ୍ସବରେ ୍ରର୍ଷୀଆନ ମହିଳା ନାଭିଗାୟତ୍ରୀ ଦେବୀ(୮୨)ଓ ପୂର୍ଣ୍ଣାବତୀ ଦ୍ୱୋ(୮୫)ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ବଳଦେବ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୧୨/୨ (ନି.ପ୍ର): କେନ୍ଦ୍ରାପଡା ସଂସ୍କୃତି ଭବନଠାରେ ୧୯୯୫ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନରେ ଶତାଧିକ ଛାତ୍ରମାନଙ୍କ ସହିତ ତାଙ୍କ ପରିବାର ବର୍ଗ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଅଧାପକ ଅଜୟ ସାମଲ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କେନ୍ଦ୍ରାପଡା ବଳଦେବ ହାଇସ୍କୁଲର ପ୍ରଧାନ ଶିକ୍ଷକ ପରମାନନ୍ଦ ଦାସ, ଜଗନ୍ନାଥ ଦାସ, ବୈଷ୍ଣବ ମିଶ୍ର, ଅନନ୍ତ ଚରଣ ସ୍ୱାଇଁ, ଦେବବ୍ରତ ଦାସ, ରଞ୍ଜନ କୁମାର ଜେନା, ପଦ୍ମ ଚରଣ ସିଂ, ବକ୍ରମୋହନ ପତି, ବିଷ୍ଣୁ ଚରଣ ପତି, ନିରାକାର ରାଉତ ପ୍ରଭୃତି ପୁରାତନ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ। ୧୯୯୫ ବ୍ୟାଚ୍‌ର ଦିବଂଗତ ୭ ଜଣ ଛାତ୍ରଙ୍କ ଉଦ୍ଦେଶ୍ୟରେ ସଂଯୋଜକ ସୁନିଲ କୁମାର ମାହାଲିକ୍ ଶୋକ ପ୍ରସ୍ତାବ ଆଗତ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଅଧାପକ ବିଜୟ କୁମାର ମହାପାତ୍ର ଯୋଗ ଦେଇଥିବାବେଳେ କାଉନ୍‌ସିଲର ସ୍ୱାଧୀନ ନାୟକ ପୁରାତନ ଛାତ୍ର ଏବଂ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ସ୍କୁଲର ଅଭାବ, ଅସୁବିଧା ଏବଂ ଶିକ୍ଷକ ପଦ ପୂରଣ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଗଲା। ଭାବଗ୍ରାହୀ କଳା ନିକେତନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୁହାପଡ଼ା ବାର୍ଷିକ ଉତ୍ସବ

ଜଳେଶ୍ୱର ୧୨/୨(ନିପ୍ର) ବିଦ୍ୟାଳୟର ବର୍ଷ ଯାକର ବିଭିନ୍ନ ବିଭାଗର ପାରଦର୍ଶିତା ହାସଲ କରୁଥିବା କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ବାର୍ଷିକ ଉତ୍ସବର ସାର୍ଟିଫିକେଟ ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇ ପିଲା ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରୁଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରୟଣ କୁମାର ପାତ୍ର ବିଦ୍ୟାଳୟର ବାର୍ଷିକ ବୀବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପୁଷ୍ପ ଗୁଚ୍ଛ ଦେଇ ଅତିଥି ସମ୍ବର୍ଦ୍ଧନା ଜଣାଇଥିଲେ ବରଡିହା କ୍ଲଷ୍ଟର୍ର ସିଆରସିସି ରବୀନ୍ଦ୍ର ମହାନ୍ତ ସଭାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଓ ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ଗିରି ଓ ମୁଖ୍ୟ ବ୍ୟକ୍ତା ଅବସର ପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥି ଭାବେ ଘଡ଼ଘଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନକୃଷ୍ଣ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାଇଧର ମୁର୍ମୁ, ମଞ୍ଚରେ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ କିପରୀ ଭଲ ମଣିଷଟିଏ ହୋଇ ନିଜର ବାପା ମା ଙ୍କ ନାମକୁ ଗର୍ବାନିତ କରିବା ସହିତ ଦେଶର ନାମକୁ ଆଗକୁ ନେବା ଓ ଜଣେ ସମାଜରେ ଭଲ ମଣିଷଟିଏ ହୋଇ ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ ଓ ସାଥିରେ ଉପସ୍ଥିତି ରହୁଥିଲେ ସହକାରୀ ଶିକ୍ଷକ ସରୋଜ କୁମାର ଜେନା, ତାରାକାନ୍ତ ବେହେରା, ଅମିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ୬୫ତମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇ ଥିଲା ସଭା କାର୍ଯ୍ୟ ପରେ ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୭ ଜଣ ଆଶାକର୍ମୀଙ୍କୁ ପୁରସ୍କାର ପ୍ରଦାନ କଲେ ବିଧାୟକ

ଜୟପୁର, ୧୨/୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭଲ କାର୍ଯ୍ୟ କରୁଥିବା ଆଶାକର୍ମି ମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି । ଭଲ କାର୍ଯ୍ୟ କରି ବର୍ଷକୁ ଅଧିକା ପ୍ରୋତ୍ସାହନ ରାଶି ପାଉଥିବା ୭ ଜଣ ଆଶାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଦିନ ୧୨ଟାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ପୁରସ୍କାର ଓ ମାନ ପତ୍ର ପ୍ରଦାନ କରିଥିଲେ । ଖଡପାର ବେଦପତି ନାୟକ, ବାରିଣିପୁଟର ଭବାନି ପୁଜାରୀ, ଧନପୁରର ପ୍ରତିମା ପାଙ୍ଗି, ହିଡିଆର ସୁଧାଂଶୁ ବାଳା ଖ୍ରିଷ୍ଟିଆନ, ପୁଜାରିପୁଟର ଗୋମତି ମହୁରିଆ, କଙ୍ଗାର ଉଷା ହରିଜନ, ଏକମ୍ବାର ମମତା ମିଶ୍ର ପୁରସ୍କାର ଓ ମାନ ପାତ୍ର ପାଇଥିଲେ ।କାର୍ଯ୍ୟକ୍ରମରେ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସ୍ୱାସ୍ତିକ ମହଲା, ଡିପିଏମ ଦ୍ୱିପାନ୍ୱିତା ପଟ୍ଟନାୟକ, ସୁପରଭାଇଜର ସୁଶାନ୍ତ ନାୟକ, ବ୍ଲକ ଏକାଉଣ୍ଟସ ମ୍ୟାନେଜର ହିଂମାଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଦୁ ଚାନ୍ଦାନ ପୂଜା ଅନୁଷ୍ଠିତ



ବାରିପଦା , ୧୨/୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଦୁ ଚାନ୍ଦାନ ପୂଜା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ହେରିଟେଜ୍ ? କ୍ଲବ୍ ? ଓ ସାନ୍ତାଳୀ ବିଭାଗ ଦ୍ୱାରା ଆୟୋଜିତ ଏହି ପୂଜାରେ ବିଶ୍ୱବିଦ୍ୟାଳୟର ପବିତ୍ର କୁଞ୍ଜରେ ସ୍ଥିତ ଜାହିରାପୀଠରେ ଜ୍ଞାନ, ବୁଦ୍ଧି, ଶିକ୍ଷା ଏବଂ ସମସ୍ତ କଳାର ପ୍ରତିନିଧିତ୍ୱ କରୁଥିବା ଦେବଦେବୀ ବିଦୁ ଚାନ୍ଦାନଙ୍କୁ ପୂଜା କରାଯାଇଥିଲା । ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏବଂ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ମୁଖ୍ୟ ଡ. ଯତୀନ୍ଦ୍ରନାଥ ବେଶ୍ରା ସ୍ୱାଗତ ଭାଷଣ ପ୍ରଦାନ କରି ଏହି ପୂଜାର ଇତିହାସ ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ନୃତତ୍ତ୍ୱ ଓ ଜନଜାତି ବିଭାଗର ସହଯୋଗୀ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ ଯୋଗ ଦେଇ ସମଗ୍ର ଛୋଟନାଗପୁର ଅଞ୍ଚଳର ଅଧିବାସୀଙ୍କ ମଧ୍ୟରେ ବିଦୁ ଚାନ୍ଦାନ ପୂଜାର ମହତ୍ତ୍ୱ ଉପସ୍ଥାପନା କରିଥିଲେ । ସାମାଜିକ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ କୁମାର ଶତପଥି ନିଜ ବକ୍ତବ୍ୟରେ ଏହି ପର୍ବ ପାଳନ ଆମର ସ୍ଥାୟୀ ପରମ୍ପରା ଏବଂ ମୂଲ୍ୟବୋଧକୁ ପୁନର୍ଜୀବିତ କରିଥାଏ ବୋଲି ମତପ୍ରଦାନ କରିଥିଲେ । ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଇନ୍ଦ୍ରଜିତ ନାଏକ, କମ୍ପ୍ୟୁଟର ପ୍ରୟୋଗ ବିଭାଗର ପ୍ରଫେସର ଏମ୍ ହିମବିନ୍ଦୁ, ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ସ୍ୱରୁପାନନ୍ଦ ବିଷୟୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଏବଂ ସାନ୍ତାଳୀ ବିଭାଗର ଅଧ୍ୟାପକ ଦୁର୍ଗା ସୋରେନ ଓ ପିଚୁଆନୁ ଠାକୁର ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ପୂଜାରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ପୂଜାରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାରିପଦା ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟିଙ୍ଗ୍ ଆଣ୍ଡ୍ ମ୍ୟାନେଜମେଣ୍ଟର ସାନ୍ତାଳୀ ବିଭାଗର ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗଦେଇଥିଲେ ।

## ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' 'ସୁନି'

ଉଦଳା , ୧୨/୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ବଡ଼ଶୋଳ ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ମଗା ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣୀ ସୁନି ସିଂ ଆଜକୁ ଗୋଟିଏ ବର୍ଷ ହେବ ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନମଜୁରିଆ ଭାବରେ କାମକରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବିଧବା ମା'ମାନଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯେଉଁ ଭତା ଯୋଗାଇ ଦେଉଛନ୍ତି ତାହା 'ସୁନି' ଏ ପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ଆଧାର କାର୍ଡ଼ ସବୁକିଛି ଠିକ୍ ଠାକ୍ ଥିବା ସତ୍ତ୍ୱେ 'ସୁନି' କାହିଁକି ସାମାଜିକ ସୁରକ୍ଷାରୁ ବଂଚିତ ଅଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଦିବାସୀ ବିଧବା ମା' ମାନେ ବହୁଳ ଭାବରେ ଏହିଭଳି ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚୁପ୍ ମାରି ବସିବା ଯନ୍ତ୍ରଣାଦାୟକ ହୋଇ ଉଠିଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଦେଉଳା ଆବାସିକ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ , ୧୨/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତରେ ଥିବା ବ୍ଲକର ଏକ ମାତ୍ର ଅନୁସୂଚିତ ଜାତି ଓ ଜନଜାତି ଆବାସିକ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଆଶ୍ରମ ବିଦ୍ୟାଳୟ ମାନଙ୍କରେ ପିଲା ମାନଙ୍କର ସର୍ବାଙ୍ଗୀନ ଉନ୍ନତି ହେବା ସହିତ ସମାଜରେ ଏକ ପ୍ରତିଷ୍ଠିତ ମଣିଷ ହେବାରେ ସହାୟକ ହୋଇଥାଏ ବୋଲି କହିବା ସହିତ କଠୋର ପରିଶ୍ରମ ଏବଂ ଦୃଢ ଇଶ୍ୱର ବିଶ୍ୱାସ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ ।ଛାତ୍ରଛାତ୍ରୀ ମାନେ ପିତାମାତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତି କରିବା ସଙ୍ଗେ ସଙ୍ଗେ ଆତ୍ମବିଶ୍ୱାସ ଓ ଭଲ ପାଠ ପଢ଼ିଲେ ଦିନେ ନା ଦିନେ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଭଳି ମହାନ ବ୍ୟକ୍ତିତ୍ୱ ହୋଇପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ଜେନା କହିଥିଲେ କ୍ଷମୁଖ୍ୟ ବକ୍ତା ଭାବରେ ସେଇଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ, ସମ୍ମାନିତ ଅତିଥି ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ ସଂଘର ଉପଦେଷ୍ଟା ଅଜୟ କୁମାର ଗିରି ,ସଭାପତି ରତିକାନ୍ତ ପାତ୍ର,ଦେଉଳା ପଞ୍ଚାୟତର ସରପଞ୍ଚ ସରୋଜ କୁମାର ପିଳା, ସାର୍ଥକ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅନନ୍ତ କୁମାର ରାଉଳ , ବାଲିଆପାଳ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଉଦିତ କୁମାର ମହାପାତ୍ର, ପଞ୍ଚୁପାଲି କ୍ଲଷ୍ଟରର ସିଆରସିସି ସୁକୁମାର ପଣ୍ଡା, ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ କୁମାର ପାତ୍ର , ଶିକ୍ଷାବିତ ତଥା ବିଜୁ ଜନତା ଦଳର ବ୍ଲକ ସଭାପତି ଗୋବିନ୍ଦ ଦାସ, ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ସମାଜସେବୀ କମଳ ଲୋଚନ ବେହେରା, ବ୍ଲକ ମଙ୍ଗଳ ସଂପ୍ରସାରଣ ବିଭାଗର ଡାଟାଏଣ୍ଟ୍ରି ଅପେରଟର ଶ୍ରଦ୍ଧାଞ୍ଜଳି ଗିରି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ସାମ୍ବାଦିକ ତଥା ବିଦ୍ୟାଳୟର ଶୁଭଚିନ୍ତକ ଗୋପ ନାରାୟଣ ଜେନା ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲା ବେଳେ ଶିକ୍ଷୟିତ୍ରୀ ସଂଯୁକ୍ତା ପାଣିଗ୍ରାହୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଜୟ କୁମାର ବର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁଙ୍କ ପରିଚାଳନାରେ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ମାନେ ଉତ୍ସବକୁ ପରିଚାଳନାରେ ସହଯୋଗ କରିଥିଲେ।

# ସାଂସ୍କୃତିକ ମହାକୁମ୍ଭ ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ଭଦ୍ରକ, ୧୨/୨ (ନି.ପ୍ର): ଭଦ୍ରକ ଜିଲ୍ଲାର ଗର୍ବ ଗୌରବ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ-୨୦୨୫ ଆୟୋଜନ ଓ କାର୍ଯ୍ୟସୂଚୀର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ଯୋଗ୍ୟକି ଚଳିତ ଫେବୃୟାରୀ ୧୩ ତାରିଖ ଗୁରୁବାର ଦିନ ଠାରୁ ଆରମ୍ଭ ହେବାକୁ ଯାଉଥିବା ୫ ଦିନିଆ ପଲ୍ଲିଶ୍ରୀମେଳା ଓ କୃଷି ଯନ୍ତ୍ରପାତି ମେଳାକୁ ନେଇ ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ-୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଶାନ୍ତନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ବିଧାୟକ ସୀତାଂଶୁ ସେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଆଭାସି ଜରିଆରେ ଯୋଡ଼ିହୋଇ ସମ୍ମିଳନୀରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭଦ୍ରକ ମାଟିର ସାଂସ୍କୃତିକ ମହାକୁମ୍ଭ ଓ ପଲ୍ଲୀଶ୍ରୀ ମେଳାର ପ୍ରଚାର ପ୍ରସାରରେ ସେମାନଙ୍କ ସହଯୋଗ କାମନା କରିଥିଲେ। ମହୋତ୍ସବର ପ୍ରସ୍ତୁତି, ଆଭିମୁଖ୍ୟ ଏବଂ ଏଥିରୁ ଲୋକମାନଙ୍କର ଭରପୁର ମଜା ଉଠାଇବା ପ୍ରସଙ୍ଗରେ ମାନ୍ୟବର ବିଧାୟକ ମତାମତ ରଖିଥିଲେ। ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍.ପି.ଡ଼ି.ଆଇ.ବି. ଅଂଶୁମାନ ଦ୍ୱିବେଦୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ମଧ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ମହୋତ୍ସବ ଆୟୋଜନରେ ପ୍ରତ୍ୟେକ ଦିନ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଉଦ୍‌ଘାଟନୀ ସନ୍ଧ୍ୟାରେ ମାନ୍ୟବରମନ୍ତ୍ରୀ ରବିନାରାୟଣ ନାଏକ ଉଦ୍‌ଘାଟକ, ମାନ୍ୟବର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି, ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଶିଷ୍ଟ ଅତିଥି ଏବଂ ଭଦ୍ରକ ଜିଲ୍ଲାର ସାଂସଦ ଓ ସମସ୍ତ ବିଧାୟକ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଭୁବନେଶ୍ୱର-ସୋନପୁର ଇଣ୍ଟରସିଟି ଟ୍ରେନରେ ନିଆଁ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଭୁବନେଶ୍ୱର-ସୋନପୁର ଇଣ୍ଟରସିଟି ଟ୍ରେନରେ ଲାଗିଲା ନିଆଁ । ସକାଳ ୬.୪୫ରେ ଟ୍ରେନଟି ମଞ୍ଚେଶ୍ୱର ଷ୍ଟେସନରେ ପହଁଚିଥିଲା । ନିର୍ଦ୍ଦିଷ୍ଟ ଏକ ଏସି ବଗି ତଳୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା । ବ୍ରେକ୍ ବାଇଣ୍ଡିଂ ଯୋଗୁଁ ଏଭଳି ଧୂଆଁ ବାହାରୁଥିବା ଜଣାପଡିଛି । ମଞ୍ଚେଶ୍ୱର ଷ୍ଟେସନରେ ଅଧଘଣ୍ଟା ରହିବା ପରେ ଟ୍ରେନ ନିଜ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଇଥିଲା । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି ।


Office of the Superintending Engineer,
Baisinga Canal Division, Laxmiposi, PIN-757107, Dist. - Mayurbhanj
Email ID: sebaisinga2022@gmail.com
***

TENDER CALL NOTICE NO.16/2024-25 OF SE, BCD, LAXMIPOSI

| | | |
|---|---|---|
| 1 | No. of Work | Total 36 nos. of work |
| 2 | Tender Amount | Ranging from Rs. 1,99,143.00 to Rs. 4,99,657.07 |
| 3 | E.M.D. | Ranging from Rs.2000.00 to Rs. 5000.00 |
| 4 | Period of Completion | 01(One) Month from the date of issue of work order. |
| 5 | Class of Contractor | "D" Class or "C" Class Contractor / Registered Electrical Contractor of HT/LT Class/ Registered Firm with MSME/ Contractor. |
| 6 | Date & Time of availability of bid document in the office of the undersigned | From 10.30 AM of 13.02.2025 to 5.00 PM of 25.02.2025 |
| 7 | Last date/time for receipt of bid in the office of the undersigned. | Upto 5.00 PM of 25.02.2025 |
| 8 | Date of opening of bid | 27.02.2025 at 11.30AM |
| 9 | Name & Address of the O.I. T. | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

OIPR: 32281/11/0015/2425

Superintending Engineer,
Baisinga Canal Division,
Laxmiposi


# ମହାପ୍ରଭୁଙ୍କ ଦୁର୍ଲ୍ଲଭ ୩୨ ବେଶ ଦର୍ଶନ କରି ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି କାମନା କଲେ ବସ୍ତା ବିଧାୟିକା

ବାଲିଆପାଳ , ୧୨/୨ (ନି.ପ୍ର): ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତ ଅଧିନସ୍ଥ ଘଣ୍ଟୁଆ ଗ୍ରାମରେ 'ଚକାଆଖି ପୂଜା ସଂସଦ' ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦୁର୍ଲ୍ଲଭ ୩୨ ବେଶ ଜଗନ୍ନାଥମୟ ପରିବେଶରେ ଅନୁଷ୍ଠିତ ହୋଇଛି ମଙ୍ଗଳବାର ବସ୍ତା ବିଧାୟିକା ସୁବାସିନୀ ଜେନା ମହାପ୍ରଭୁ ଙ୍କ ୩୨ ବେଶ ଦର୍ଶନ କରିଥିଲେ ଏବଂ ଅଞ୍ଚଳ ବାସୀଙ୍କ ସୁଖ ସମୃଦ୍ଧି ପାଇଁ ମହାପ୍ରଭୁ ଙ୍କ ପାଖରେ ପ୍ରାର୍ଥନା କରିଥିଲେ ଏହି ଅବସରରେ 'ଚକାଆଖି ପୂଜା ସଂସଦ' ଓ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟିକାଙ୍କୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଇଥିଲା ବିଧାୟିକା ଙ୍କ ସହ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପଞ୍ଚାୟତ ସଭାପତି ଗଙ୍ଗାଧର ରଣା, ସଞ୍ଜୟ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ,ପ୍ରଭୁରାମ ପ୍ରଧାନ, ନଗେନ୍ଦ୍ର ନାୟକ, ସନାତନ ଦଳାଇ ପ୍ରମୁଖ ଦଳୀୟ କର୍ମୀ ଯୋଗ ଦେଇଥିଲେ ଚକାଆଖି ପୂଜା ସଂସଦ ପକ୍ଷରୁ ପଂଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଶଶଧର ପ୍ରଧାନ, ନିରଞ୍ଜନ ପ୍ରଧାନ,ସଭାପତି ସାଗରିକା ଦାସ,ସମ୍ପାଦକ ଅନିଲ ଦାସ,ସଦସ୍ୟ ନୟନ ପ୍ରଧାନ,ରଞ୍ଜନ ପ୍ରଧାନ,ଚନ୍ଦନ ପ୍ରଧାନ,ପ୍ରଭାସରଂଜନ ଦାସ,ପ୍ରିୟରଞ୍ଜନ ପ୍ରଧାନ, ଶାନ୍ତିରଞ୍ଜନ ପ୍ରଧାନ,ଧନଞ୍ଜୟ ବାରିକ,କରୁଣାକର ପାତ୍ର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ ୭ ତାରିଖ ଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦୁର୍ଲ୍ଲଭ ୩୨ ବେଶ ଘଣ୍ଟୁଆରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## 'ପ୍ରତିରକ୍ଷା, ପରମାଣୁ ଉର୍ଜା...

ଉଲ୍ଲେଖଯୋଗ୍ୟ ଯେ ମଙ୍ଗଳବାର ପିଏମ୍ ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଗୋଟିଏ ବିମାନରେ ପ୍ୟାରିସର ମାର୍ସିଲେ ଯାଏ ଯାତ୍ରା କରିଥିଲେ । ସେହିପରି ବୁଧବାର ପିଏମ୍ ମୋଦୀ ରାଷ୍ଟ୍ରପତି ମାକ୍ରୋନଙ୍କ ସହ ମାରସେଇ ସହରର ଐତିହାସିକ ମାଜାରଗବେଜ ଯୁଦ୍ଧ ଶ୍ମଶାନ ଗସ୍ତ କରି ପ୍ରଥମ ବିଶ୍ୱଯୁଦ୍ଧରେ ବଳିଦାନ ଦେଇଥିବା ଭାରତୀୟ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦି ବିଦେଶ ଗସ୍ତରେ ଅଛନ୍ତି । ମୋଦୀଙ୍କ ଗସ୍ତ ଫ୍ରାନ୍ସରେ ଆରମ୍ଭ ହୋଇଥିଲା, ଯେଉଁଠାରେ ସେ ଏଆଇ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ସମ୍ମିଳନୀକୁ ସେ ସମ୍ବୋଧିତ କରିଥିଲେ । ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ପ୍ୟାରିସରେ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଏଆଇ ଶିଖର ସମ୍ମିଳନୀର ସହ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱାସ ଏବଂ ସ୍ୱଚ୍ଛତା ବୃଦ୍ଧି ପାଇଁ ଓପନ ସୋର୍ସ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତରେ ପରବର୍ତ୍ତୀ ଶିଖର ସମ୍ମିଳନୀ ଆୟୋଜନ କରିବାକୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ପ୍ରସ୍ତାବ ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ର ସଚିବ ଏସ କ୍ରିଷ୍ଣନ କହିଛନ୍ତି, ଭାରତ ପରବର୍ତ୍ତୀ ଶିଖର ସମ୍ମିଳନୀ ଆୟୋଜନ କରିବ । କ୍ରିଷ୍ଣନ୍ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ ଅନୁଯାୟୀ ନୂଆ ଏଆଇ ଶିଖର ସମ୍ମିଳନୀ ଆୟୋଜନ କରିବା ପାଇଁ ଭାରତ ପାଇଁ ଏହା ଉପଯୁକ୍ତ ସମୟ ଏବଂ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା ଯେ ପରବର୍ତ୍ତୀ ଏଆଇ ଶିଖର ସମ୍ମିଳନୀ ଚଳିତ ବର୍ଷ ଶେଷ ଆଡ଼କୁ ଭାରତରେ ଆୟୋଜନ କରାଯିବ ।ଭାରତର ଅଭିବୃଦ୍ଧି କାହାଣୀର ଏକ ଅଂଶ ହେବାକୁ ଏବଂ ' ଅସୀମ ସୁଯୋଗ' ଉପରେ ଦୃଷ୍ଟି ଦେବାକୁ ପ୍ରଧାନମନ୍ତ୍ରୀ ଫ୍ରାନ୍ସ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ ଫ୍ରାନ୍ସ କମ୍ପାନୀଗୁଡ଼ିକୁ କହିଥିଲେ, ଭାରତରେ ପୁଞ୍ଜି ନିବେଶ କରିବା ପାଇଁ ଏହା ଉପଯୁକ୍ତ ସମୟ , ସମସ୍ତଙ୍କ ପ୍ରଗତି ଭାରତର ପ୍ରଗତି ସହ ଜଡିତ । ଯଦି ଫ୍ରାନ୍ସ କମ୍ପାନୀମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରସ୍ତାବକୁ ଗ୍ରହଣ କରନ୍ତି ତେବେ ଏହା ସ୍ପଷ୍ଟ ଯେ ଭାରତରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ। ଯାହା ଦେଶର ଯୁବକମାନଙ୍କୁ ସିଧାସଳଖ ଉପକୃତ କରିବ । ଫ୍ରାନ୍ସରେ ଏଆଇ ଶିଖର ସମ୍ମିଳନୀରେ ଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆମେରିକା ଯିବେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳିରେ ମୋଦୀଙ୍କ ଏହା ପ୍ରଥମ ଗସ୍ତ ଯାହା ଉପରେ ସାରା ବିଶ୍ୱର ନଜର ରହିଛି । ଗୁରୁବାର ଅପରାହ୍ନ ୪ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାଯ୍ୟକ୍ରମ ରହିଛି । ଏନେଇ ହ୍ୱାଇଟ ହାଉସ ପକ୍ଷରୁ ଭବ୍ୟ ଆୟୋଜନ କରାଯାଇଛି । ଗସ୍ତର ପ୍ରଥମ ଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ପ୍ରବାସୀଙ୍କୁ ପ୍ରଧାନମନ୍ତ୍ରୀ ଭେଟିବେ। ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ରାଷ୍ଟ୍ରନେତା ମଧ୍ୟରେ ଦ୍ୱିପାକ୍ଷୀକ ଆଲୋଚନା ହୋଇପାରେ । ଯେଉଁଥିରେ ପ୍ରତିରକ୍ଷା,ଏଆଇ, ଟାରିଫ ବୃଦ୍ଧି, ଅନୁପ୍ରବେଶକାରୀଙ୍କୁ ଦେଶରୁ ବିତାଡିତ ପ୍ରସଙ୍ଗ ଉଠାଇ ପାରେ ଭାରତ। ଭାରତ-ଆମେରିକା କୁଟନୀତି ସମ୍ପର୍କକୁ ଅଧିକ ମଜଭୂତ କରିବା ଦିଗରେ ମୋଦୀଙ୍କ ଏଥରକ ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି । ନଜର ପକାଇବା କଣ ରହିପାରେ ପ୍ରମୁଖ ପ୍ରସଙ୍ଗ - ୧- ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସହ ସାକ୍ଷାତ ପୂର୍ବରୁ ଅତିରିକ୍ତ ଶୁଳ୍କ ହ୍ରାସ ପାଇଁ ପ୍ରସ୍ତୁତ ହେଉଛନ୍ତି, ଯାହା ଭାରତକୁ ଆମେରିକାର ରପ୍ତାନିକୁ ବୃଦ୍ଧି କରିପାରିବ ଏବଂ ସମ୍ଭାବ୍ୟ ବାଣିଜ୍ୟ ଯୁଦ୍ଧକୁ ଏଡ଼ାଇପାରିବ। ୨- ସୂଚନା ଅନୁସାରେ ଲଢୁଆ ବିମାନ ଯାନ କ୍ରୟ ଏବଂ ସହ-ଉତ୍ପାଦନ ସହିତ ଲଢୁଆ ବିମାନ ଇଞ୍ଜିନ ଚୁକ୍ତିକୁ ଚୂଡ଼ାନ୍ତ ରୂପ ମିଳିପାରେ। ମୋଦି-ଟ୍ରମ୍ପଙ୍କ ସାକ୍ଷାତ ଏପରି ସମୟରେ ହୋଇଛି ଯେତେବେଳେ ଆମେରିକା ସାମରିକ ବିମାନରେ ୧୦୪ ଜଣ ଭାରତୀୟ ବେଆଇନ ପ୍ରବାସୀଙ୍କୁ ଫେରାଇ ଦେଇଛି, ଯାହାକୁ ନେଇ ଭାରତରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି । ୩ – ସବୁଠାରୁ ବଡ ପ୍ରସଙ୍ଗ ଭାବେ ଆଲୋଚନା ହୋଇପାରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଭାରତୀୟଙ୍କୁ ଆମେରିକା ଯେଉଁଭଳି ଭାବେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୪- ଭାରତ ଓ ଆମେରିକା ବାଣିଜ୍ୟକ ସମ୍ପର୍କ ବଢ଼ାଇବା ସହ ଭିସା ନିୟମରେ ଉନ୍ନତି ଆଣିବାକୁ ଦୁଇ ନେତା କରିପାରନ୍ତି ଆଲୋଚନା ମୋଦି -ଟ୍ରମ୍ପଙ୍କ ଭେଟଘାଟ ଉପରେ ଖାଲି ଭାରତ ନୁହେଁ ବରଂ ସାରା ବିଶ୍ୱର ନଜର ରହିଛି ଖାସ କରି ଚୀନ ଓ ପାକିସ୍ତାନ ମୋଦୀଙ୍କ ଏହି ଗସ୍ତ ଉପରେ ନଜର ରଖିବେ ନିଶ୍ଚୟ ।

## ମାଗଣା ଯୋଜନା ପାଇଁ ଲୋକ...

ବରଂ ଏହାପୂର୍ବରୁ ଅନେକ ଥର ଏପରି ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ଏହାପୂର୍ବରୁ ମାଗଣା ଯୋଜନାକୁ ନେଇ ସୁପ୍ରିମକୋର୍ଟ ନିର୍ବାଚନ କମିଶନ ଓ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହି ପ୍ରସଙ୍ଗରେ କମିଶନ ଓ ସରକାର ହାତ ଝାଡ଼ି ପାରିବେ ନାହିଁ। ସେମାନେ କିଛି କରିପାରିବେ ନାହିଁ ବୋଲି ମଧ୍ୟ କହିପାରିବେ ନାହିଁ। ସରକାର ଓ ନିର୍ବାଚନ ଆୟୋଗ ମିଶି ଏହି ମାଗଣା ଯୋଜନା ଉପରେ ରୋକ ଲଗାଇବା ପାଇଁ ବିଚାର କରନ୍ତୁ। ଏଥିପାଇଁ ଏକ କମିଟି ଗଠନ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଥିଲେ।

## ଡିଗ୍ରୀ କଲେଜ ଗୁଡ଼ିକୁ ...

ପ୍ରତ୍ୟକ୍ଷ ଅନୁଦାନ ଦେବାର ବ୍ୟବସ୍ଥା ରହିଛି । ତେବେ ୧୯୯୪ ଶିକ୍ଷା ଅନୁଦାନ ଆଦେଶନାମାକୁ ୨୦୦୪ ମସିହାରେ ପ୍ରତ୍ୟାହାର କରାଗଲା। ସମସ୍ତ ବ୍ଲକ କ୍ରାଇଟେରିଆ କଲେଜ ଗୁଡ଼ିକୁ ପ୍ରତ୍ୟକ୍ଷ ଅନୁଦାନର ପରିସରକୁ ଅଣାଗଲା ନାହିଁ। ୨୦୦୮ରେ ବ୍ଲକଗ୍ରାଣ୍ଟ ନୀତି ପ୍ରଣୟନ କରାଯାଇ ରାଜ୍ୟର ସମସ୍ତ ୩୯୧ଟି ବ୍ଲକ କ୍ରାଇଟେରିଆ କଲେଜକୁ ଅନ୍ୟ ୨୭୧ ଅଣ ବ୍ଲକ କ୍ରାଇଟେରିଆ କଲେଜ ସହ ମିଶାଇ ୬୬୨ ବର୍ଗ ନାମରେ ବ୍ଲକ୍‌ଗ୍ରାଣ୍ଟର ଶିକାର କରାଗଲା । ୨୦୧୩ ମସିହାରୁ ନିରବଚ୍ଛିନ୍ନ ଭାବେ ବିଭିନ୍ନ ୩୯୧ ବ୍ଲକ କ୍ରାଇଟେରିଆ କଲେଜ ଗୁଡ଼ିକୁ ପ୍ରତ୍ୟକ୍ଷ ଅନୁଦାନ ପ୍ରଦାନ ଦାବି କରି ଆସିଛି ସଂଘ। ଏହି ବ୍ଲକ କ୍ରାଇଟେରିଆ କଲେଜ ଗୁଡିକ ମୁଖ୍ୟତଃ ପଛୁଆ ତଥା ଆଦିବାସୀ ଅଧୁଷିତ ଅଞ୍ଚଳମାନଙ୍କରେ ପ୍ରତିଷ୍ଠିତ । ପ୍ରାୟ ୩୨ ବର୍ଷରୁ ଅଧିକ ସମୟ ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନର ପ୍ରାୟ ୭୦ ଭାଗ ଦାୟିତ୍ୱ ବହନ କରି ଗରିବ, ଖଟିଖିଆ, ଆଦିବାସୀ ତଥା ପଛୁଆବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିଆସୁଅଛନ୍ତି । ନୂତନ ସରକାର ଶାସନକୁ ଆସିବା ପରେ ଏକ ନୂତନ ଆଶା ଓ ସମ୍ଭାବନା ନେଇ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଦାବି ରଖିଛନ୍ତି। ବୁଧବାର ୩୯୧ ବ୍ଲକ କଲେଜ ସଂଘର ରାଜ୍ୟସଭାପତି ଅଶ୍ୱିନୀ ମେହେର ଏବଂ କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ସାମନ୍ତଙ୍କ ମିଳିତ ନେତୃତ୍ୱରେ ପ୍ରାୟ ୨୦୦୦ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନଙ୍କର ଏକ ବିଶାଳ ରାଲି କଂଗ୍ରେସ ଭବନଠାରୁ ଆରମ୍ଭ ହୋଇ ଗାନ୍ଧୀମାର୍ଗରେ ପହଞ୍ଚି ଏକ ସମାବେଶ କରିଥିଲେ। ସରକାରଙ୍କ ପକ୍ଷରୁ ଡାକରା ପାଇ ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

## ପଦ୍ମଶ୍ରୀ ପୁରସ୍କାର ବିବାଦ: ୨୪ ...

କିଛି କହିବା ସମ୍ଭବ ନୁହେଁ। ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ସାହିତ୍ୟିକ। ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର। ସେ ବି ସାହିତ୍ୟିକ। ଜଣଙ୍କ ଘର ଢେଙ୍କାନାଳ, ଅନ୍ୟ ଜଣେ ରୁହନ୍ତି ଭୁବନେଶ୍ୱରରେ। ୨୦୨୩ରେ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବାଦନ ପାଇଁ ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୁଅନ୍ତି ଢେଙ୍କାନାଳର ଅନ୍ତର୍ଯ୍ୟାମୀ ମିଶ୍ର। ପେଶାରେ ପ୍ରାଣୀ ଚିକିତ୍ସକ ଓ ସାହିତ୍ୟିକ ଭୁବନେଶ୍ୱରର ଅନ୍ତର୍ଯ୍ୟାମୀ ମିଶ୍ର ନିଜକୁ ପ୍ରକୃତ ପଦ୍ମଶ୍ରୀ ବିଜେତା ଦାବି କରି ହାଇକୋର୍ଟକୁ ଯିବା ଏବଂ କୋର୍ଟ ଉଭୟ ବାଦୀ ଓ ପ୍ରତିବାଦୀଙ୍କୁ ତଥ୍ୟ ପ୍ରମାଣ ସହ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେବାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା। ଭୁବନେଶ୍ୱରର ଅନ୍ତର୍ଯ୍ୟାମୀଙ୍କ କହିବା କଥା, ଓଡ଼ିଆ ଓ ଅନ୍ୟ ଭାରତୀୟ ଭାଷାରେ ତାଙ୍କର ୨୯ଟି ପୁସ୍ତକ ରହିଛି। ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୩ରେ ତାଙ୍କ ନାଁ ହି ସୁପାରିଶ ହୋଇଥିଲା। ଏପରିକି ଏନେଇ ତାଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଫୋନ୍ କଲ ଆସିଥିଲା ଓ ଅଭିନନ୍ଦନ ଜଣାଯାଇ ପୁରସ୍କାର ଗ୍ରହଣ କରିବାକୁ ନିମନ୍ତ୍ରଣ ପତ୍ରକୁ ଅପକ୍ଷା କରିବାକୁ କୁହାଯାଇଥିଲା। କିନ୍ତୁ ତାଙ୍କ ପରିବର୍ତ୍ତେ ଅନ୍ୟଜଣେ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କଲେ। କେବଳ ସେତିକି ନୁହେଁ, ପୁରସ୍କାର ପାଇଥିବା ବ୍ୟକ୍ତିଙ୍କ ନାଁରେ ଖଣ୍ଡିଏ ବି ବହି ପ୍ରକାଶିତ ହୋଇ ନଥିବାର ବି ଅଭିଯୋଗ କରିଛନ୍ତି ଅନ୍ତର୍ଯ୍ୟାମୀ। ହେଲେ ମାମଲା ବିଚାରାଧୀନ ଥିବାରୁ ଏନେଇ କୌଣସି ପ୍ରତିକ୍ରିୟା ରଖିବାକୁ ପଦ୍ମଶ୍ରୀ ଗ୍ରହଣ କରିଥିବା ଢେଙ୍କାନାଳର ଅନ୍ତର୍ଯ୍ୟାମୀ ମିଶ୍ର ମନା କରିଛନ୍ତି। ତେବେ ତାଙ୍କ ନାଁରେ ଗୋଟିଏ ବି ପୁସ୍ତକ ନଥିବାର ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମୋର ୪୦ଟି ବହି ଅଛି, ସେଥିରୁ ୧୦ଟି ବହି ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥା ଛାପିଛି ବୋଲି ବି ସେ ସ୍ପଷ୍ଟ କରିଛନ୍ତି। ମାମଲାର ଶୁଣାଣି କରିଥିବା ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଖଣ୍ଡପୀଠଙ୍କ କହିଛନ୍ତି, ଯେ ପଦ୍ମଶ୍ରୀ ସମ୍ମାନ ପାଇଁ ସୁପାରିଶ ପୂର୍ବରୁ ଯାଞ୍ଚ ପ୍ରକ୍ରିୟାରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତା ସତ୍ତ୍ୱେ ସମାନ ନାମକରଣ କାରଣରୁ ଏଭଳି ସ୍ଥିତି ଉପୁଜିଛି। ଏଭଳି ସ୍ଥିତିରେ ଉଭୟଙ୍କୁ ଆସନ୍ତା ୨୪ ତାରିଖ ରେ ବ୍ୟକ୍ତିଗତ ଭାବେ ହାଜର ହୋଇ ପୁରସ୍କାର ସମ୍ପର୍କିତ କାଗଜପତ୍ର ଓ ସେମାନଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକର ସବିଶେଷ ତଥ୍ୟ ପ୍ରମାଣ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

## ସନ୍ଦେହ ଘେରରେ ନବଙ୍କ...

ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କଠୁ ଆରମ୍ଭ କରି ଦଳର ବରିଷ୍ଠ ବିଧାୟକମାନେ ମଧ୍ୟ ଇସାରା ଦେଲେ । ପରିବାର ସଦସ୍ୟ ଚାହିଁଲେ ମୁଖ୍ୟମନ୍ତ୍ରୀ କିମ୍ବା କୋର୍ଟଙ୍କୁ ଅବଗତ କରି ଏହି ସିବିଆଇ ତଦନ୍ତ କରାଯାଇପାରିବ ବୋଲି କହି ସରକାର ନବ ଦାସ ହତ୍ୟାକାଣ୍ଡ ପଛର ରହସ୍ୟ ଭେଦ ନିମନ୍ତେ ନିଜର ସମ୍ମତି ଜଣାଇଲେ । ଆଉ ନବଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ମଧ୍ୟ ଗଣମାଧ୍ୟମ ସମ୍ମୁଖକୁ ଆସି ତାଙ୍କ ପରିବାର ଲିଖିତ ଭାବେ ସିବିଆଇ ତଦନ୍ତ ନିମନ୍ତେ ଅନୁରୋଧ କରିବ ବୋଲି କହିଲେ । କିନ୍ତୁ ଇତିମଧ୍ୟରେ ମାସେ ବିତିବାକୁ ବସିଲାଣି । ଦୀପାଳି କିମ୍ବା ତାଙ୍କ ପରିବାର ଲିଖିତ ଭାବେ ଏହି ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ଆଗ୍ରହ ଦେଖାଇନାହାନ୍ତି । ଓଲଟା କ୍ରାଇମବ୍ରାଂଚ ପୂର୍ବରୁ ଯେଉଁ ତଦନ୍ତ କରିଥିଲା ସେଥିରେ ପରୋକ୍ଷରେ ସମ୍ମତି ଜଣାଇଥିବା ଭଳି ପ୍ରତୀତ ହେଲାଣି । ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ନବ ଦାସଙ୍କ ପରିବାର ପକ୍ଷରୁ କେହିବି ଏବେସୁଦ୍ଧା କୋର୍ଟ କି ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଲେ ନାହିଁ । ତେଣୁ ତଦନ୍ତର ସ୍କୋପ ଆଉ ରହିଲା କେଉଁଠି ? ଆମେ ଖାଲି ନାଚିଲେ କ'ଣ ଲାଭ ଅଛି ।

## ସକ୍ରିୟ ସଦସ୍ୟତା ଅଭିଯାନ ଉପଲକ୍ଷେ ବିଜୁଜନତାଦଳର ମହିଳା ସମାବେଶ

ନୀଳଗିରି , ୧୨/୨ (ନି.ପ୍ର): ବିଜୁଜନତାଦଳ ତରଫରୁ ସକ୍ରିୟ ସଦସ୍ୟତା ଅଭିଯାନ ଉପଲକ୍ଷେ ନୀଳଗିରି ବିଜୁଜନତା ଦଳ କାର୍ଯ୍ୟାଳୟ ପରିସରରେ ମହିଳା କାର୍ଯ୍ୟକର୍ତ୍ତାଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଳର ମହିଳା କର୍ମୀମାନେ କିପରି ତ୍ୱରାନ୍ୱିତ ଭାବେ ଦଳକୁ ଆଗେଇ ନେବା ସହିତ ଦଳକୁ ମଜବୁତ୍ କରିପାରିବେ ସେଥିପ୍ରତି ଗୁରୁତ୍ୱଦେବାକୁ ସମାବେଶରେ ମତପ୍ରକାଶ ପାଇଥିଲା ।ଏଥିରେ ବିଜୁଜନତା ଦଳର ସଭାପତି ଶ୍ରୀମତୀ ବିନ୍ଦୁବାଳା ନନ୍ଦୀ, ପ୍ରାକ୍ତନ ଜିଲ୍ଲାପରିଷଦ ଅଧକ୍ଷା ଉମିଳତା ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ଏନଏସି ଅଧକ୍ଷା ଅମ୍ବିକା ଦାସ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, କାଉନସିଲର କମଳାମଣି ପରିଡା, ସରପଞ୍ଚ ଅନ୍ନପୂର୍ଣ୍ଣା ସିଂ, ଶାନ୍ତିଲତା ବିଶ୍ୱାଳ, ବାସନ୍ତୀ ହେମ୍ବ୍ରମ, ବାହାମଣି ମାରାଣ୍ଡି, ସମିତିସଭ୍ୟା ସାବିତ୍ରୀ ସିଂ, ବିନତୀ ମଢେଇ, ଅହଲ୍ୟା ନାୟକ, ବିଦ୍ୟୁତପ୍ରଭା ପାତ୍ର, ଟିକି ସିଂ, ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର ପରିଡା, ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ, କୁଳମଣୀ ନାୟକ, ରମାକାନ୍ତ ମହାଳିକ, ସରପଞ୍ଚ ଚାନ୍ଦମଣି ମୁର୍ମୁ, ସମିତି ସଭ୍ୟା ରଶ୍ମିତା ମହାପାତ୍ର , ନୀଳଗିରି ସିଏଏମପି ସିଏସ ର ଉପାଧକ୍ଷ ଜାନକୀ ସିଂ, ପୂର୍ବତନ ସରପଞ୍ଚ ସୁକୁମାରୀ ସିଂ, ଆଶୋକାସିନି ନାୟକ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟୁନ୍ୟ ଶହେଜଣ ପ୍ରତିଷ୍ଠିତ ବିଜୁଜନତା ଦଳର ମହିଳା କର୍ମୀ ଉପସ୍ଥିତ ରହିଥିଲେ। ପୂର୍ବତନ କାଉନସିଲର ଅଚ୍ୟୁତ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ ମଦନ ମୋହନ ମାଝୀ ଓ ଉପେନ୍ଦ୍ର ଦାସ ସକ୍ରିୟ ସହଯୋଗ ଦେଇଥିଲେ। ରାମକୃଷ୍ଣ ମହାପାତ୍ର, ବୁଦ୍ଧଦେବ ସରକାର, ଶ୍ରୀନିବାସ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ବାଲିଆପାଳ ପ୍ରିମିୟର ଲିଗ୍ ସିଜିନ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କଲେ ବସ୍ତା ବିଧାୟିକା

ବାଲିଆପାଳ , ୧୨/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ସିମୁଲିଆ ରାବଣ ପୋଡ଼ି ପଡିଆରେ ବାଲିଆପାଳ ର ବ୍ରଦର୍ସ-୧୧ କ୍ଲବ୍ ପକ୍ଷରୁ ବାଲିଆପାଳ ପ୍ରିମିୟର ଲିଗ ସିଜିନ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତିନି ତାରିଖ ଠାରୁ ଆରମ୍ଭ ହୋଇଯାଇଛି ରବିବାର ଟୁର୍ଣ୍ଣାମେଣ୍ଟ ର ଚତୁର୍ଥ ଲିଗ ମ୍ୟାଚ ରେ ଟ୍ରଫି ଉନ୍ମୋଚନ କରାଯାଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ବିଜେତା ଓ ରନର୍ସଅପ ଟ୍ରଫିକୁ ଉନ୍ମୋଚନ କରିଥିଲେ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ୍ ତଥା ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଜିଲ୍ଲା ପରିଷଦ ବେଣୁଧର ଜେନା, ନିଶାକର ସେଠୀ, ଯୁବ ନେତା ଜଗବନ୍ଧୁ ଜେନା, ଶ୍ରୀକାନ୍ତ ନାଥ ପ୍ରମୁଖ ଯୋଗ ଦେଇ ଥିଲେ ଟୁର୍ଣ୍ଣାମେଣ୍ଟରେ ଚକାଆଖି ଫାଇଟର, ବାସୁଳୀମାତା, ଏମଏସଡ଼ି ଫାଇଟର, ମୁନା ଇଲେଭେନ, ବାବା ଇଲେଭେନ, ଏମ. ଏସ, ବିଷ୍ଣୁପୁର ପ୍ରଭୃତି ଛଅଟି ଦଳ ଅଂଶଗ୍ରହଣ କରିଥିଲେ ଚତୁର୍ଥ ଲିଗ ମ୍ୟାଚ ରେ ବାବା ଇଲେଭେନ କୁ ହରାଇ ମୁନା ଇଲେଭେନ ସେମି କୁ ଉନ୍ନୀତ ହୋଇଥିଲେ ଖେଳକୁ ରାଜା ବାଗ, ବିଟୁ ରଣା ପରିଚାଳନା କରିଥିଲେ ମିଲନ ତ୍ରିପାଠୀ, ସୌମ୍ୟ ରଞ୍ଜନ ପଣ୍ଡା, ବିଶ୍ୱଜିତ ମାହାନା,ଲିଟନ ମିଶ୍ର, ଦେବାଶିଷ ଖଣ୍ଡାୟତ, ଚନ୍ଦନ ନନ୍ଦୀ, ମାନସ ଦାସ, ଧନଞ୍ଜୟ ପ୍ରଧାନ ପ୍ରମୁଖ ବାଲିଆପାଳ ର ବ୍ରଦର୍ସ-୧୧ କ୍ଲବ ର ସଦସ୍ୟ ମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି ।



## ଗଛକୁ ପିଟି ବାଇକ ଆରୋହୀଙ୍କ ମୃତ୍ୟୁ

ନୀଳଗିରି, ୧୨/୨ (ନି.ପ୍ର): ନୀଳଗିରି ବ୍ଲକ ଅଯୋଧା ଅଞ୍ଚଳର ଜଣେ ଯୁବକ ବାଇକରେ ଯାଉଥିବା ସମୟରେ ରାସ୍ତାପାର୍ଶ୍ୱରେ ଥିବା ଏକ ନିୟଗଛକୁ ଧକ୍କଦେବା ଫଳରେ ଘଟଣାସ୍ଥଳରେ ଯୁବକଙ୍କ ଜୀବନ ଯାଇଥିବା ଜଣାପଡିଛି। ସୂଚନା ମୁତାବକ ଅଯୋଧା ପଞ୍ଚାୟତ ଗୋପାଳପୁର ଗ୍ରାମର ସନ୍ତୋଷ ବେହେରାଙ୍କ ପୁଅ ସୁକୁମାର ବେହେରା ଓ.ଡି ୧୧- ଏଫ୍ ୨୬୯୩ନଂ ଏକ ବାଇକରେ ବାଲିପାଳ ଅଯୋଧା ରାସ୍ତାରେ ଯାଉଥିବା ବେଳେ ଅଯୋଧା ନିକଟରେ ଥିବା ଏକ ନିୟଗଛକୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ ସୁକୁମାରଙ୍କ ମୃତ୍ୟୁହୋଇଥିବା ସୂଚନା ମିଳିଛି। ଅଯୋଧା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଥିବା ବେଳେ ଶବବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡିକାଲ ପଠାଇଥିବା ଜଣାପଡିଛି।

## ୧୯୮୬ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ



ଖଇରା,୧୨/୨(ନିପ୍ର): ଖଇରା ବ୍ଲକ ନହଙ୍ଗ ସ୍ଥିର ସ୍ୱସ୍ତିକ ମଣ୍ଡପ ଠାରେ ଔପଦା ବ୍ଲକ ଫତେପୁର ହାଇସ୍କୁର ୧୯୮୬ ମସିହାର ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ହୋଇଯାଇଛି । ଉପସ୍ଥିତ ଥିବା ସମସ୍ତ ବନ୍ଧୁ ମାନେ ଦିବଂଗତ ଗୁରୁଙ୍କ ଉଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ । ସେଦିନ ର ପାଠ ପଢା ଆଉ ଶାସନ ଅନୁଶାସନ ପାଇଁ ଅଜି ସେମାନେ ଉଚିତ ଶିକ୍ଷା ପାଇଥିବାର ପ୍ରକାଶ କରିବା ସହିତ ଶିକ୍ଷକଙ୍କ ପ୍ରତି ଭୟ ଭକ୍ତି ନରହିଲେ କେହି ଜଣେ ଆଗକୁ ବଢି ପାରିବ ନାହିଁ ବୋଲି ଉପସ୍ଥିତ ବନ୍ଧୁ ମାନେ ପ୍ରକାଶ କରିଥିଲେ । ଏଥିରେ ଅନିଲ କୁମାର ଦାସ,ବିଜୟ କୁମାର ବେହେରା,ମାନସ କୁମାର ନାୟକ,ଝରଣା ମଞ୍ଜରୀ ଲେଙ୍କା, ମଲ୍ଲି ତରେଇ ଙ୍କ ସହିତ ଅନ୍ୟ ସାଥୀ ମାନେ ଉପସ୍ଥିତ ଥିଲେ ।

## ପାରାଦ୍ୱୀପରେ ୪୬ ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତା ଉଦ୍ଘାଟିତ




ପାରାଦ୍ୱୀପ , ୧୨/୨ (ନି.ପ୍ର): ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତା ଉଦ୍ଘାଟିତ ହୋଇ ଯାଇଛି । ବନ୍ଦରର ଅର୍ଥ ପରାମର୍ଶଦାତା ଶ୍ରୀ ଡି ଏନ୍ ଶୋନ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନ୍ଦରର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ ଯୋଗଦାନ କରି ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ କୋଚିନ୍, ଚେନ୍ନାଇ, ଶ୍ୟାମା ପ୍ରସାଦ ମୁଖର୍ଜି, ମୁମ୍ବାଇ, ଗୋଆ, ଭି ଓ ଚିଦମ୍ବରନାର, ବିଶାଖାପାଟଣା ଓ ଆୟୋଜକ ପାରାଦୀପ ବନ୍ଦର ଭାଗ ନେଇଛନ୍ତି । ପ୍ରଥମ ଥର ପାଇଁ ଦିବା ରାତ୍ର ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ୧୨ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୬ ତାରିଖ ଦିନ ଉଦଯାପିତ ହେବ । ଆସନ୍ତା ୫ ଦିନ ଧରି ବିଭିନ୍ନ ବନ୍ଦରରୁ ଆସିଥିବା ଫୁଟବଲ ଖେଳାଳି ମାନେ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିବେ । ଉଦ୍ଘାଟନୀ ମ୍ୟାଚରେ ପାରାଦୀପ ବନ୍ଦର ବିଶାଖାପାଟଣା ବନ୍ଦରକୁ ୬-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚରେ ଭିଓସି ବନ୍ଦର,ଗୋଆ ବନ୍ଦରକୁ ୫-୧ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟ ଲାଭ କରିଥିଲା । ତୃତୀୟ ମ୍ୟାଚରେ ମୁମ୍ବାଇ ବନ୍ଦର କୋଚିନ ବନ୍ଦରକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା ଏବଂ ଚତୁର୍ଥ ମ୍ୟାଚରେ ଚେନ୍ନାଇ ବନ୍ଦର କଲିକତା ବନ୍ଦରକୁ ୧-୦ ଗୋଲରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବନ୍ଦରର ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସମ୍ପାଦକ ରଞ୍ଜନ ରଶ୍ମୀ ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ମାଘ ପୂର୍ଣ୍ଣିମାରେ ଭକ୍ତଙ୍କ ଉପରେ ହେଲିକ୍ୟାପ୍ଟରରୁ ପୁଷ୍ପବର୍ଷା

ମହାକୁମ୍ଭନଗର, ୧୨/୨ (ନି.ପ୍ର): ମହାକୁମ୍ଭରେ ମାଘ ପୂର୍ଣ୍ଣିମା ସ୍ନାନରେ ଗଙ୍ଗା ଯମୁନା ଏବଂ ସରସ୍ୱତୀର ପବିତ୍ର ସଙ୍ଗମରେ ବୁଡ ପକାଇବା ପାଇଁ ଭକ୍ତଙ୍କ ଭିଡ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ମିଡିଆ ସେଣ୍ଟର ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକାଳ ୮ଟା ପର୍ଯ୍ୟନ୍ତ ୧.୦୨ କୋଟିରୁ ଅଧିକ ଭକ୍ତମାନେ ବିଶ୍ୱାସର ବୁଡ ପକାଇଛନ୍ତି। ପ୍ରୟାଗରାଜର ବିଭିନ୍ନ ଘାଟରେ ଭକ୍ତମାନେ ଆସିବା ଏବଂ ବୁଡ ପକାଇବା ପ୍ରକ୍ରିୟା ଜାରି ରହିଛି। ଉତ୍ତରପ୍ରଦେଶ ସରକାରଙ୍କ ତରଫରୁ ମାଘ ପୂର୍ଣ୍ଣିମାରେ ସଙ୍ଗମରେ ବୁଡ ପକାଇବାକୁ ଆସିଥିବା ଭକ୍ତଙ୍କ ଉପରେ ହେଲିକ୍ୟାପ୍ଟରରେ ପୁଷ୍ପ ବର୍ଷା କରି ତାଙ୍କ ବିଶ୍ୱାସକୁ ଅଭିବାଦନ ଜଣାଇଥିଲେ। ସଙ୍ଗମରେ ପୁଷ୍ପ ବର୍ଷା କରୁଥିବା ହେଲିକ୍ୟାପ୍ଟରର ଭକ୍ତମାନେ ଫଟୋ ମଧ ଉଠାଇଥିଲେ। ସ୍ନାନ କରୁଥିବା ଭକ୍ତମାନେ ହାତ ହଲାଇ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

## ପିନ୍ଧାଶାଢ଼ି ବେକରେ ଲଗାଇ ଝୁଲିପଡ଼ିଲେ ନବବଧୂ ଜ୍ୟୋତିସ୍ମିତା: ସ୍ୱାମୀଘର ମାରିଦେଇଥିବା ନେଇ ମା' ଆଣିଲେ ଅଭିଯୋଗ, ସ୍ୱାମୀ ଅଟକ

ନୀଳଗିରି, ୧୨/୨ (ନି.ପ୍ର): ବାପାଭାଇଙ୍କୁ ପରକରି ଭଲପାଇ ଯାହାର ହାତଧରି ଜୀବନସାଥୀ କରିନେଇଥିବା ଝିଅଟି ଶେଷରେ ସେହି ସ୍ୱାମୀର ଅତ୍ୟାଚାରରେ ଅତିଷ୍ଠହୋଇ ନିଜ ପିନ୍ଧାଲୁଗାରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିବା ପରିବାର ଏବଂ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଛି ।ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଅନ୍ତର୍ଗତ ଡାଲିମପାଳ ଗ୍ରାମରେ । ଉକ୍ତ ଗ୍ରାମର ଶ୍ୟାମସୁନ୍ଦର ସାହୁଙ୍କ ପୁଅ କମଳାକାନ୍ତ ସାହୁ (୨୫), ୨୦୨୪ ମସିହା ଜୁଲାଇ ୩୦ ତାରିଖରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଧିନ ଇରମ ନିକଟବର୍ତ୍ତୀ ନୂଆଗାଁ ଗ୍ରାମର ନାରାୟଣ ଦାସଙ୍କ ଝିଅ ଜ୍ୟୋତିସ୍ମିତା ଦାସ (୨୦)ଙ୍କୁ ଭଲପାଇ ବିବାହ କରିଥିଲେ । ବିବାହ ପର ଠାରୁ ଶ୍ୱଶୁରଘର ପକ୍ଷରୁ ବାପଘରୁ ଯୌତୁକ ଆଣିବାକୁ ଜ୍ୟୋତିସ୍ମିତାଙ୍କୁ ବାଧ କରାଯିବା ସହିତ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା । ବହୁବାର ନିର୍ଯ୍ୟାତନା ସହିବା ପରେ ଅସହ୍ୟ ହେବାରୁ ଯୌତୁକ ଦାବି କଥା ଝିଅ ବାପା ମା କୁ ଫୋନଯୋଗେ କହିଥିଲା । ଏହାପରେ ଗତକିଛି ମାସ ହେବ ସ୍ୱାମୀ କମଳାକାନ୍ତ ହାଇଦ୍ରାବାଦର ଏକ ଘରୋଇ ହୋଟେଲରେ କାମ କରୁଥିବା ବେଳେ ସ୍ତ୍ରୀକୁ ତାଙ୍କପାଖକୁ ନେଇ ରଖିଥିଲା । ଗତ ୬ ତାରିଖ ଦିନ ଉଭୟ ସ୍ୱାମୀ ସ୍ତ୍ରୀ ଡାଲିମପାଳ ଗ୍ରାମକୁ ପହଞ୍ଚିବା ପରେ ସ୍ୱାମୀ ପୁଣି ହାଇଦ୍ରାବାଦ କୁ ଯିବାକୁ ବାହାରି ଥିବାବେଳେ ସ୍ତ୍ରୀ ତାଙ୍କ ସହିତ ଯିବାକୁ ଜିଦ ଧରିଥିଲା । ଏଥିରେ ସ୍ୱାମୀ ଅମଙ୍ଗ ହୋଇଥିଲେ । ମଙ୍ଗଳବାର ଏନେଇ ଘରେ ପାଟିତୁଣ୍ଡ ହୋଇଥିଲା। ବୁଧବାର ସକାଳ ୬ଘଟିକା ସମୟରେ ଝିଅ ଜ୍ୟୋତିସ୍ମିତା ମା କୁ ସବୁକଥା ଫୋନରେ କହିବା ସହିତ ମୋ ଜୀବନ ଏଠାରେ ବିପଦରେ ଅଛି, ଶ୍ୱଶୁର ଘରଲୋକେ ମୋତେ ମାରିଦେବେ, ତୁ ଜଲଦି ଏଠାରୁ ମୋତେ ନେଇଯାଅ ବୋଲି ମା ତୁଳସୀ ଥାନାରେ ଅଭିଯୋଗ କରିଛନ୍ତି । ତେବେ ସକାଳ ୮ ଘଟିକା ସମୟରେ ଝିଅ ଆତ୍ମହତ୍ୟା କରିଥିବାକଥା ବରହମପୁର ପୋଲିସ ବାପଘର ଲୋକଙ୍କୁ ଫୋନଯୋଗେ ଖବର ଦେଇଥିଲେ । ଏପଟେ ଜ୍ୟୋତିସ୍ମିତା ଶୋଇବାଘରେ ଏକ ପଙ୍ଖାରେ ନିଜପିନ୍ଧା ଶାଢ଼ୀ ବେକରେ ଲଗାଇ ଝୁଲି ପଡ଼ିଥିଲେ ବୋଲି ସ୍ୱାମୀ ଘରଲୋକ ଥାନାରେ କହିଛନ୍ତି। ଶ୍ୱଶୁରଘର ଲୋକ ଜ୍ୟୋତିସ୍ମିତାକୁ ଉଦ୍ଧାରକରି ବରହମପୁର ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତଘୋଷଣା କରିଥିଲେ । ପୋଲିସ ପିନ୍ଧାଶାଢ଼ୀ ଜବତ କରିଥିବା ବେଳେ ସ୍ୱାମୀକୁ ଥାନାରେ ଅଟକରଖି ତଦନ୍ତ ଜାରିରଖିଛି ।ମା ତୁଳସୀର ଲିଖିତ ଅଭିଯୋଗକୁ ଆଧାର କରି ବରହମପୁର ପୋଲିସ ୧୫/ ୨୦୨୫ ମୂଳେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖାଯାଇଛି । ତେବେ ବରହମପୁର ମେଡ଼ିକାଲରେ ପୋଲିସର ଉଚ୍ଚସ୍ତରୀୟ ଅଧିକାରୀ ଏବଂ ମାଜିଷ୍ଟ୍ରେଟ ପହଞ୍ଚି ଉଭୟପକ୍ଷ ବୟାନ ରେକର୍ଡ କରିଥିବା ବେଳେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ହତ୍ୟା ନା ଆତ୍ମହତ୍ୟା ପ୍ରକୃତତଥ୍ୟ ଜଣାପଡିବବୋଲି ସୂଚନା ମିଳିଛି।



## ଖଟିଖିଆଙ୍କୁ ଆଡ଼ଆଖି: ଖାଦ୍ୟ ସୁରକ୍ଷାରୁ ବଂଚିତ ଗୋଟିଏ ଗ୍ରାମର ୩ ଗୋଟି ଆଦିବାସି ପରିବାର

ଉଦଳା , ୧୨/୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ରାଢ଼ୋ। ପଂଚାୟତ ଅନ୍ତର୍ଗତ ଦାଢ଼ିଆସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ଦିନମଜୁରିଆ ଭାବରେ କାମକରି ନିଜ ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ୩ ଗୋଟି ଆଦିବାସି ପରିବାର ଏ ପର୍ଯ୍ୟନ୍ତ ଖାଦ୍ୟସୁରକ୍ଷା ଯୋଜନାରେ ସାମିଲ ହୋଇପାରିନଥିବାର ଗଣମାଧମକୁ ଜଣାଇଛନ୍ତି । ଫଳରେ ସରକାର ମୁଣ୍ଡପିଛା ଯେଉଁ ୫କିଗ୍ରା ଚାଉଳ ଯୋଗାଇ ଦେଉଛନ୍ତି, ତାହା ପାଇ ନପାରି ଉକ୍ତ ପରିବାରର ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଏହିପରିବାରର ସଦସ୍ୟ ମାନେ ହେଲେ ରମେଶ ସିଂ ଓ ତାଙ୍କର ସହଧର୍ମିଣୀ ବିଜୟ ଲକ୍ଷ୍ମୀ ସିଂ । ବିରେନ୍ଦ୍ର ସିଂ ଓ ତାଙ୍କର ସହଧର୍ମିଣୀ ରଂଜିତା ସିଂ । ସୁରେନ୍ଦ୍ର ସିଂ ଓ ତାଙ୍କର ସହଧର୍ମିଣୀ ଝୁମୁରି ସିଂ । ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟକରୁଥିଲେ ମଧ ଏହିଭଳି ଖଟିଖିଆ ଆଦିବାସୀ ପରିବାରର ଲୋକେ କାହିଁକି ଖାଦ୍ୟ ସୁରକ୍ଷାରୁ ବଂଚିତ ହେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନ ତରଫରୁ ଦାବି ହୋଇଛି ।



## ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ରାସ୍ତାକୁ ଓହ୍ଲାଇବ : ଓୟୁଜେ

ବାଲେଶ୍ୱର, ୧୨/୨ (ନି.ପ୍ର): ରାଜ୍ୟର ସାମ୍ବାଦିକ ମାନଙ୍କ ସାମୁହିକ ସ୍ୱାର୍ଥରକ୍ଷା ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ ଆଉ ନୀରବ ଦ୍ରଷ୍ଟା ହୋଇ ନ ବସି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବବୋଲି ଚରମ ନିଷ୍ପତ୍ତି ଗ୍ରହଣ କରିଛି ।ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବାର ୮ ମାସ ବିତି ଯାଇଥିଲେ ମଧ ସାମ୍ବାଦିକ ମାନଙ୍କ ୩ ଦଫାର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ ବରଂ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଛି। ସାମ୍ବାଦିକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବା, ପେନସନ ଓ ଅଧିସ୍ୱୀକୃତି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆଦି ୩ ଦଫା ଦାବି ପୂରଣ ପାଇଁ ସରକାରଙ୍କ ନିକଟରେ ଓୟୁଜେ ଅହରହ ଦାବି ଉପସ୍ଥାପନ କରିଚାଲିଛି। ଏହି ଦାବି ଗୁଡ଼ିକ ପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପ୍ରତିଶ୍ରୁତିର ନାଲିଫିତା ତଳେ ଚାପି ହୋଇରହିଛି। ଇତି ମଧ୍ୟରେ ଦେଶରେ ୧୮, ଟି ରାଜ୍ୟର ସରକାର ସାମ୍ବାଦିକଙ୍କ ପାଇଁ ପେନସନ ବ୍ୟବସ୍ଥା କରିସାରିଲେଣି। ଆମ ରାଜ୍ୟ ଓଡ଼ିଶା ଏଦିଗରେ ବହୁ ପଛରେ ପଡ଼ିଛି। ରାଜ୍ୟ ସଂଘର ସଭାପତି ପ୍ରସନ୍ନ କୁମାର ମହାନ୍ତି ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବି ପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସଂପାଦକ ବିବେକାନନ୍ଦ ଦାସ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ନାରାୟଣ ଶତପଥୀ,କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ପ୍ରସଂଜିତ୍ ଆଶ , ଲକ୍ଷ୍ମୀଧର ଗାଣ, ହାଇଦର ଖାନ, ସେକ ନଜୀମ, ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଶୀତକାଳୀନ ଜାତୀୟ ସେବା ଶିବିର ଉଦ୍‌ଘାଟିତ

ଖଇରା, ୧୨/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ଦିନିଆ ଶୀତକାଳୀନ ସେବା ଶିବିର ସୋମବାର ପୁର୍ବାହ୍ନରେ ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଗନ ବିହାରୀ ରାଉତ ପୌରହିତ୍ୟ କରିବା ଅବସରରେ ପାଠପଢା ସହିତ ସମାଜସେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଭକ୍ତବନ୍ଧୁ ସାହୁ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ଶିଶୁପୁତ୍ର ଚୋରି ଅଭିଯୋଗରେ ମହିଳା ଅଟକ: ଚାନ୍ଦିପୁର ଅଞ୍ଚଳରୁ ଶିଶୁପୁତ୍ର ଉଦ୍ଧାର

ନୀଳଗିରି, ୧୨/୨ (ନି.ପ୍ର): ବିବାହିତା ଝିଅ ବାପଘରକୁ ବୁଲିବାକୁ ଆସିଥିବା ବେଳେ ରାତିରେ ଶିଶୁପୁତ୍ର ଚୋରି ଅଭିଯୋଗ ହୋଇଛି । ବିବରଣୀ ଅନୁଯାଇ ନୀଳଗିରି ବ୍ଲକ ଅଧିନ ବରହମପୁର ଅଞ୍ଚଳର ବାଦଲ ସିଂ ଓ ସାରସ୍ୱତୀ ସିଂ ଙ୍କ ଔରଷରୁ ୬ମାସର ପିୟୁଷ ସିଂ ନାମକ ଏକ ଶିଶୁ ପୁତ୍ର ଥିବା ବେଳେ ବାପା ବାଦଲ ଓ ସ୍ତ୍ରୀ ସାରସ୍ୱତୀ ପିଲା ଶିଶୁ ପୁତ୍ର କୁ ନେଇ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାତୀଖୋଲିଆ ଗ୍ରାମ ର ଶ୍ୱଶୁର ଘରକୁ ଗତ ୧୧ତାରିଖ ମଙ୍ଗଳବାର ଦିନ ବୁଲିବାକୁ ଆସିଥିଲେ । ରାତିରେ ଖିଆ ପିଆ ସାରି ଶ୍ୱଶୁର ଘରେ ସମସ୍ତେ ସୋଇ ପଡ଼ିଥିଲେ । ଶିଶୁ ପୁତ୍ର ପିୟୁଷ ସହିତ ମା ସାରସ୍ୱତୀ ଏବଂ ଗ୍ରାମର ପଡୋଶୀ ଲେଙ୍କ ସିଂ ର ଝିଅ ନନ୍ଦିନୀ ସିଂ (୨୨) ଗୋଟିଏ ଘରେ ଶୋଇଥିଲେ । ସକାଳେ ଶିଶୁପୁତ୍ର କୁ ନପାଇ ବାପ ଘର ପରିବାରର ସମସ୍ତ ସଦସ୍ୟ ଖୋଜା ଖୋଜି କରିଥିଲେ ମଧ ଶିଶୁ ପୁତ୍ରକୁ ପାଇନଥିଲେ । ଠିକ ସେହି ସମୟରେ ନନ୍ଦିନୀ ସ୍ଥାନ ଛାଡ଼ି ପଳେଇ ଯାଇଥିଲା । ଅଭିଯୋଗ ଆଧାରରେ ନୀଳଗିରି ପୋଲିସ ଆଜି ଶିଶୁପୁତ୍ର କୁ ଚାନ୍ଦିପୁର ଅଞ୍ଚଳରୁ ଉଦ୍ଧାର କରିବା ପରେ ନୀଳଗିରି ମେଡିକାଲ ରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପରିବାର କୁ ହସ୍ତାନ୍ତର କରାଯାଇଛି । ନନ୍ଦିନୀ ସିଂ ନାମରେ ୫୮/୨୦୨୫ ମୂଳେ ମାମଲା ରୁଜୁ କରାଯାଇ ଥିବା ବେଳେ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପ୍ରକାଶ କରିଛି ।

## ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଆସନ୍ତା ଶିକ୍ଷାବର୍ଷରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ । ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସ୍ପଷ୍ଟ କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏ ନେଇ ବଜେଟରେ ପ୍ରାବଧାନ କରାଯିବ ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ। ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବାବେଳେ ଦୁଇଟି ଶ୍ରେଣୀ ବାଦ ପଡ଼ିଯାଉଥିଲେ । ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତି ନେଇଛନ୍ତି । ରାଜ୍ୟ ସରକାର ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida